ପାଠ୍ ଆରୁ ଫଟୁ : ଉଇଲିୟମ୍ ଡ଼ି ଭିନ୍‌କ

ଯୀଶୁ ମସୀହ

ସବୁ ସମିଆଁ ଲାଗି ଗୁଟେ ବଡ଼୍‌ଖା କଥାନି ।

ଯୀଶୁ • ମସୀହ

କାଣା ....





ସରଗ୍ଦୂତ୍ - ପର୍ମେଶ୍ୱର୍‌କଁର୍ ଗୁଟେ ଉଭାନ୍ ଖବରିଆ (ଫରଦ୍ – ୫)

ଆଶୀର୍ବାଦ୍ :- ସବୁ ଅଏନ୍ କଥାମାନେ ଯେନ୍‌ଟା ପରମେଶର୍ ଆମ୍‌କୁ ଦେବାର୍‌କେ ଚାହୁଁଛନ୍।

ବାଇବଲ – ବାଇବଲ୍‌ଥି ଆପଣ୍‌ମାନେ ପଢ଼ିପାର୍‌ବେ ଯେ ପର୍ମେଶର୍ ନିଜର୍ ଲୋକ୍‌ମାନ୍‌କର୍ କେନ୍ତା ଧିଆନ୍ ଦେସନ୍ ଆରୁ କେନ୍ତା ବେଭାର୍ କର୍‌ସନ୍।

ପ୍ରଭୁଭୋଜ : ଯୀଶୁକଁର୍ ଚେଲାମାନେ ରୁଟି ଆରୁ ଦାକ୍ଷରସ ଖାଇକରି ଯୀଶୁକଁର୍ ମରନ୍ ଆରୁ ପୁନରୁତ୍‌ଥାନ୍‌କେ ମନେ ପକାସନ୍। (ଫରଦ୍ ୪୧)

କ୍ରୁଶ୍ :- କଷ୍ଟ ଦେବାର୍ ଗୁଟେ ସାଧନ୍ ଆଏ ଯେନ୍ ଉପ୍‌ରେ ଯୀଶୁ ନିଜର୍ ଇଚ୍ଛାଥି ମରାଗଲେ, ଯୀଶୁକଁର୍ ଚେଲାମାନ୍‌କର୍ ଇଟା ଗୁଟେ ଚିନ୍‌ହା ବନିଗଲା। (ଫରଦ୍, ୨୫, ୫୦)

ଶିଷ୍ୟ :- ଯୀଶୁକଁର୍ ଚେଲାମାନେ (ଫରଦ୍ ୧୮)

ଇଷ୍ଟର : ଯୀଶୁକଁର୍ ପୁନରୁତ୍‌ଥାନ୍ ପରବ୍ ମନାବାର୍‌ଟା ଆଏ। ଯିହୁଦୀମାନେ ଇତାକେ ନିସ୍ତାର୍‌ପରବ୍ ବଲି ମାନ୍‌ସନ୍। (ଫରଦ୍ ୩୮, ୫୪)

ଅନନ୍ତଜୀବନ :- ଯୀଶୁକଁର୍ ସାଂଗେ ଜୀବନ୍ ଜିଇଁବାର୍ ପର୍ମେଶରକଁର୍ ଉଦେଶ୍ ଆଏ, ସେ ମରନ୍‌ନୁ ଜିତ୍‌ବାର୍‌ଟା ଅନନ୍ତଜୀବନ ଆଏ। ଫରଦ୍ ୨୩, ୨୯-୩୦ ଆରୁ ୫୯)

ବିଶ୍‌ପାସ୍ :- ପର୍ମେଶରର୍ ଠାନେ ଭର୍‌ସା ରଖି ଆରୁ ତାକଁର୍ ପର୍‌ତିଜ୍ଞା ଭର୍‌ସା ରଖି। (ଫରଦ୍ ୫୮)

କ୍ଷମାଶୀଳ - ପର୍ମେଶର୍ କ୍ଷମା କର୍‌ସନ୍, ଯଦ୍‌ର୍‌ବି ଆମେମାନେ ତାକଁର୍ ଲାଏଖ୍ ନୁହେଁ ସେ ପର୍ମେଶର୍ କ୍ଷମା କର୍‌ସନ୍ ଯେତେବେଲ୍‌କେ ଆମର୍ ପାପର୍ ଲାଗି କ୍ଷମା ମାଗ୍‌ସୁ ଆରୁ ନିଜ୍‌କେ ପରିବର୍‌ତନ୍ କର୍‌ସୁଁ। କ୍ଷମା କର୍‌ବାର୍‌ଟା ଇଥିର୍ ଲାଗି ସମ୍ଭବ୍ ଆଏ କି ଯୀଶୁକଁର୍ ବଲିଦାନ୍ ଲାଗି ଆମେମାନେ ଲାଏଖ୍ ଲୋକ୍ କରାଯାଇଛୁଁ। ଫରଦ୍ ୫୮)

ପର୍ମେଶରକଁର୍ ରାଏଜ୍ :- ଯେନୁଁ ଲୋକ୍‌ମାନେ ପର୍ମେଶ୍ୱରକଁର୍ ଆଜ୍ଞା ମାନ୍‌ସନ୍ ସେଟା ପର୍ମେଶରକଁର୍ ରାଏଜ୍ ଆଏ।

ପବିତର୍ ଆତ୍ମା :- ଯେନ୍‌ମାନେ ଯୀଶୁକଁର୍ ଭଲିଆ କାମ୍ କର୍‌ସନ୍ ସେମାନ୍‌କର୍‌ଠାନେ ପର୍ମେଶରକଁର୍ ଆତ୍‌ମା ରହେସନ୍।

ଯୀଶୁ:- ପର୍ମେଶରକଁର୍ ପୁଓର୍ ନା, ତାର୍‌ମାନେ "ପର୍ମେଶର୍ ରକ୍ଷାକାରୀ"

ମସୀହ :- "ଅଭିଷିକ୍ତ ରଜା" ମସୀହ (ଇଟା ଗୁଟେ ହିବ୍ରୁ ଶବ୍ଦ ଆଏ) ତାର୍‌ମାନେ ଗ୍ରୀକ୍ ଭାଷାଥି ଖ୍ରୀଷ୍ଟ କହେସନ୍। (ଫରଦ୍ ୫୨, ୫୫)

ପାର୍‌ଥନା: - ଆପଣମାନେ ପର୍ମେଶର୍ ସାଂଗେ କଥା ହେବାର୍‌ଟା ଆଏ ତାକଁର୍‌ନୁ ପୁରାପୁରି ଆର୍ ଶୁନ୍‌ଲାମିତାର୍ ଆପଣ୍‌ମାନ୍‌କୁଁ ସୁନ୍‌ବାର୍‌ଟା ଆଏ। (ଫରଦ୍ ୧୮, ୧୯, ୪୨)

ପୁନରୁତ୍‌ଥାନ୍: ଯୀଶୁ ମରନ୍‌ନୁ ଫିର୍‌ଘାଏ ଜିଇଁ ଉଠ୍‌ଲେ। ହେନ୍ତା ଗୁଟେ ଦିନେ ଆମେ ସଭେଜାକିର୍ ମରନ୍‌ନୁ ଫିର୍‌ଘାଏ ଜିଇଁ ଉଠ୍‌ମା, ତାହାଗୁଁ ପର୍ମେଶର୍ ସବୁ ମୁନୁଷର୍ ବିଂର୍ କର୍‌ବେ। (ଫରଦ୍ ୫୩-୫୭)

ଫେର୍‌ଘାଏ ଆସ୍‌ବେ :- ଯୀଶୁ ପୁର୍‌ଥିକେ ଫେର୍‌ଘାଏ ଆସ୍‌ବାର୍ ସମିଆନେ ସବୁକିଛୁ ନୂଆଁ ହେଇଯିବା। ସରଗ୍ ଆରୁ ପୁର୍‌ଥି ଭି ପର୍ମେଶରର୍ ଲାଗି ନୂଆଁ ହେଇଯିବା। (ଫରଦ୍ ୫୭)

ଶଏତାନ୍ :- ପର୍ମେଶର୍ ଆରୁ ମୁନୁଷ୍‌ମାନ୍‌କର୍ ବଏରୀ ଆଏ ଯେନ୍‌ଟା ଉଭାନ୍ ହେଇକରି ଥିସି।

ପାପ୍ :- ପାପ୍ ଇଟା ଆଏ ଯେନ୍‌ଟା ପର୍ମେଶର୍‌କଁର୍ ଇଚ୍ଛାର୍ ବିରୁଧେ କବାର୍‌କମ୍ କର୍‌ବାଟା ଆରୁ ପର୍ମେଶରର୍ ଉଦେଶ୍‌ନୁ ଆମ୍‌କୁ ବନିହାଁ ଧୂରେ ରଖିଦେସି। ଫରଦ୍ – ୪)

ପର୍ମେଶରର୍ ପୁଓ :- ତାକଁର୍ ନା ଯୀଶୁ ଆଏ। ଯିଏ ପର୍ମେଶରର୍ ପୁଓ ବଲିଁ ଜନା ଯାଏସନ୍ ଆରୁ ସେ ମୁନୁଷ୍ ରୂପେଁ ଜଗତ୍‌କେ ଆସ୍‌ଲେ।

ଯୀଶୁଖ୍ରୀଷ୍ଟ କିଏ ଆନ୍ ?

ଯୀଶୁ ୨୦୦୦ ବରଷ୍ ଆଘ୍ରୁ ଇଶ୍ରାୟେଲ୍ନ ରହୁଥିଲେ । ଆମେ ତାହାକୁଁ ଯୀଶୁଖ୍ରୀଷ୍ଟ ବା ଯୀଶୁ ମସୀହ ବଲିଁ କହେସୁଁ । ତାର୍ମାନେ ସେ ଗୁଟେ ରଜା । ହଁ ସେ ଖାଲି ରଜା ନୁହେଁସେ ଯୀଶୁ 'ପର୍ମେଶରକଁର୍ ପୁଓ' ଆରୁ 'ମୁନୁଷର୍ ପୁଓ' ବଲିଁ ଭି ଡ଼କାଯାଏସନ୍ । ଇତାର୍ମାନେ ପର୍ମେଶର୍ ଆରୁ ମୁନୁଷର୍ ସନ୍ତାନ୍ନୁ ନିଆ ହେଇଛେ । ଯୀଶୁକଁର୍ ଜୀବନୀ ଇତିହାସ୍ ବାଇବଲ୍ଥି ଲେଖା ହେଇଛେ । ଇଟା ସବୁ ସମିଆଁର୍ ଲାଗି ଗୁଟେ ବଡ଼୍ଖା କଥାନୀଟେ ବନିଯାଇଛେ ।

ଯୀଶୁକଁର୍ ସମିଆଁ

ଆମର୍ ଯୁଗ୍ ଯୀଶୁକଁର୍ ଜନମ୍ନୁ ଆରମ୍ଭ ହେସି । ସେତେବେଲେଁ ଲୋକ୍ମାନେ ପାଦେ ଚାଲି ଚାଲି ଗଧା ଉପରେଁ, ଓଟ୍ ଉପ୍ରେଁ ଆରୁ ଘୁଡ଼ା ଉପ୍ରେ ଯିବାର୍ ଆସ୍ବାର୍ କରୁଥିଲେ । ସେତେବେଲେ ରୋମ୍ ସାମ୍ରାଜ୍ୟ ଯେନ୍ଟା ୟୁରୋପ୍ ମଧ ପୁର୍ବ ଆରୁ ଉତ୍ତରଆଫ୍ରିକା ନ ଥିଲା । ସେତେବେଲେ ବହୁତ୍ଟେ ଲୋକ୍ମାନେ ଲେଖାପଢ଼ା ନାଇଁ ଜାନି ଥାଇଁ । ଇଶ୍ରାୟେଲର୍ ଯିହୁଦୀ ଲୋକ୍ମାନ୍କେଁ ବହିର୍ ଲୋକ୍ମାନେ ବୋଲି, କୁହାଗଲା । ପର୍ମେଶର୍ ବହିନୁ ଆମ୍କୁ କଥା କହେସନ୍ ସେଟା ହେଉଛେ ବାଇବଲ୍ । ସେ ସବୁ ଦେଖାବାର୍ ଭଲିଆ ଜିନିଷ୍ ସିରିଜନ କରୁଆଁତ୍ ଆରୁ ସେ ସବୁ ଲୋକର୍ ମଇତର୍ ହେସନ୍ । ଯୀଶୁ ଇଟା ସାଫ୍ ସାଫ୍ ଆମ୍କୁ ଦେଖେଦେଇଛନ୍ ।



ଯୀଶୁଙ୍କର୍ ସମିଆଁନ ଇଶ୍ରାୟେଲ୍

ରାଜଧାନୀ - ଯିରୁଶାଲମ୍

ବଡ଼ ସହର – ଗାଲିଲୀ, ସମରିଆ, ଯିହୁଦୀ

ଆକାର – ହାରାହାରି ୨୮୦୦୦ କି.ମି.
(୧୦୮୧୦ ମାଇଲ୍)

ପାଗ – ଗରମ

ରାଜନିତିକ – ୬୩ B.C ଆରମ୍‌ନୁ (ଖ୍ରୀଷ୍ଟଙ୍କର୍ ଆଘୋନୁ)
ରୋମୀ ସାମ୍ରାଜ୍ୟର୍ ଶାସନ୍‌ରେ ଇଶ୍ରାୟେଲ୍ ଅଛେ ।

ସରକାର - ଫନ୍ତିୟ୍ ପିଲାତ, ରୋମର୍ ରାଜ୍ୟପାଲ୍,
ଇଶ୍ରାୟେଲର୍ ଶାସକ୍ । ତିବିରିଆ, ରୋମ୍ ସାମ୍ରାଜ୍ୟ,
ସବୁ ତାକେଁ ଶାସନ୍ କର୍‌ବାକେ ମିଲିଥିଲା ।

ଧରମ୍ - ଯିହୁଦୀ ଧରମ୍ ଯିହୁଦୀମାନ୍‌କଁର୍ ମନ୍ଦିର୍
ଯିରୁଶାଲମ୍‌ନେ ଅଛେ । ଇଠାନେ ଯିହୁଦୀ ପୁଝାରୀମାନେ
ସବୁ ଧାର୍‌ମିକ୍ କାମ୍ କର୍‌ସନ୍ । ଆରୁ (ଯେନ୍ତା ଫରାସୀ)
ବାଇବଲ୍‌ନୁ ଲୋକ୍‌ମାନ୍‌କୁଁ ଶିଖାସନ୍ ।

ଭାଷା – ହିବ୍ରୁ (ଯିହୁଦୀମାନ୍‌କର୍ ଭାଷା)
ଗ୍ରୀକ୍ - ଅନ୍ତର୍ରାଷ୍ଟ୍ରିୟ୍ ସ୍ତରରେ କୁହାଯାଉଥିବାର୍ ଭାଷା
ଲାଟିନ୍ (ରୋମର୍ ଭାଷା)


ଇ ଲୋକ୍‌ମାନେ କାଏଁ କରି ନଏଦ୍ ଖଁଡି ଏକ୍‌ଜୁଟ୍ ହେଇଛନ୍ ?
ତିୟାର୍ ହ, ଇଶ୍ୱରଙ୍କର୍ ରାଏଜ୍ ପାଶ୍‌କେ ଆସୁଛେ ।


ନୂଆଁ ଜୀବନ୍‌ଟେ ଆରମ୍ଭ କର ।
ଈଶ୍ୱରକଁର୍ ଶାସ୍‌ତି ବାଗିର୍ ଟଙ୍ଗେର୍ ଗଛ୍‌ମାନ୍‌କର୍ ବୁନ୍‌ହେଁ ଇହାଛିନ୍‌ତକ୍ ଲଗାହେଇ ରହିଛେ ।
ଯେନ୍‌ଗଛ୍‌ମାନେ ଅଏନ୍ ଫଲ୍ ନାଇଁ ଫଲ୍‌ବେ ତାହାକେ କାଟିକରି ଜୁଏନେ ପକେଇନେବେ ।
ଆମେ ସଭେ ଭି ଏନ୍‌ତା କଟାଯାଇପାରୁଁ । କିଏ ବା ଗୁଟେ ଅଏନ୍ ଜୀବନ୍ କାଟ୍‌ବାର୍‌କେ ସାମର୍ଥ ହେବା ?
ପୁରାପୁରି ସତ୍‌କଥା ଈଶ୍ୱରକଁର୍ ବିଚାର୍‌ନୁ କିହେ ଭି ବର୍‌ତି ନାଇଁ ପାରନ୍ । ହେଲେ ମୋର୍ ଉତାରୁ ଝନେ ଆସୁଛନ୍, ଯିଏ କି ତୁମର୍‌ମାନ୍‌କଁର୍ ହୃଦୁଦ୍‌କେ ପୁରାପୁରି ବଦ୍‌ଲେଇ ଦେବେ ।
ଯଦର୍‌ବି ପ୍ରକୃତ୍‌ନେ ତୁମେ ଗୁଟେ ଭିନ୍ ଜୀବନ୍ ଚାହୁଁଛ ବଏଲେଁ ତୁମର୍ ପାପ୍‌କେ ମାନିଯ । ଆରୁ ଇ ପାଏନ୍‌କେ ଆଇକରି ଡୁବନ୍ ଗର୍‌ହନ୍ କର ।
ନୂଆଁ ଜୀବନ୍‌ଟେ ଆରମ୍ଭ କର୍‌ବାର୍‌କେ ତୁମେ ଇହାଛିନ୍ ତମର୍ ପାପ୍‌ନୁ ପର୍‌ଛା ହୋଇଛ ।

ନଏଦ୍ ଖଁଡି ଥିବାର୍ ପରଚାରକ୍‌କେ ସଭେ ଜାକିର୍ ଡୁବନ୍ ଦଉ ଯୋହନ୍ ବୋଲି ଡାକୁଥିଲେ ।
ମୁଇଁ ତାକଁର୍‌ନୁ ବଡ୍‌ଖା ନୁହେଁ ସେ । ମୁଇଁ ତାଁକର୍ ଲାଗି ବାଟ୍ ବନଉଛେଁ, ଯିଏକି ଆମ୍‌କୁମାନ୍‌କୁ ଈଶ୍ୱର୍ କିଏ ଯେ ତାହାକେ ଦେଖାବେ । ସେ ତୁମ୍‌କୁମାନ୍‌କୁଁ ପବିତର୍ ଆତ୍‌ମା ଆରୁ ଜୁଏଥି ଡୁବନ୍ ଦେବେ ।
ଆରୁ ତାରପରେ ....
ମୁଇଁ..... ମୁଇଁ ତୁମର୍‌ନୁ ଡୁବନ୍ ନେବାର୍ କଥା
ଇହାଛିନ୍ ଏନ୍‌ତା କର ତା'ର୍‌ପରେ ଈଶ୍ୱର୍ ଯେନ୍‌ତା ମନ୍ କର୍‌ସନ୍, ତାହାକେ ଆମେ କର୍‌ମା ।
ବାପା, ତୁମର୍ ରାଏଜ୍ ଆସୁ ଆରୁ ତମର୍ ଇଚ୍ଛା ସଫଲ୍ ହେଉ ।
ତାର୍‌ପରେ ସରଗ୍‌ନୁ ଗୁଟେ କଥା ଶୁଭ୍‌ଲା........
ତୁମେ ମୋର୍ ଗେଲ୍‌ହା ପୁଓ । ମୁଇଁ ତୁମ୍‌କେ ପ୍ରେମ୍ କର୍‌ସିଁ ଆରୁ ତୁମର୍‌ଠାନେ ମୁଇଁ ବହୁତ୍ ଖୁସି ।


ଆମର୍ ଯୁଗରର୍ ଇଟା ଆରମ୍ଭ ସମିଆଁ, ଯେତେବେଲ୍‌କେ ଯୋହନ୍ ଡୁବକ୍ ମସୀହକଁର୍ ଆଏବାର୍ ଲାଗି ଇଶ୍ରାୟେଲ୍ ଲୋକମାନ୍‌କୁଁ ତିୟାର୍ କରୁଛନ୍ । ଇ ସମିଆନ ଈଶ୍ରାୟେଲ୍ ବଡ୍‌ଖା ରୋମ୍ ସାମ୍ରାଜ୍ୟର୍ ଗୁଟେ ଛୁଟିଆ ଅଂଶ୍ ଆଏ ।
ଗାଲିଲୀ
ନାଜରିତ
ଗାଲିଲୀର
ଯିରୁଶାଲମ୍
ଇସ୍ରାଏଲ୍‌ନ ଥିବାର୍ ଯିହୁଦୀମାନେ ନିଜ୍‌କେ ଅଲାର୍ ଆର୍ ନିର୍‌ଜାତୀତ୍ ଭାବୁଥିଲେ ଓ ମସିହକଁର୍ ଆଗମନ୍‌କେ ଟାକିକରି ରହୁଥିଲେ । ସେ ଉଧାର୍‌କରତା ଆନ୍ ବଲି ଜହାଁକର୍ ବିଷେଠି ଆଗତ୍‌କଥା କରାଯାଇଥିଲା ଇ ମସିହ ଈଶ୍ୱରକଁର୍ ନିଏକେ ଉଁଚା କର୍‌ବେ ।
ଜର୍‌ଦନ୍ ନଏଦ୍ ଖଁଡ଼ି ଡୁବନ୍ ଦଉ ଯୋହନ୍ ଯୀଶୁକୁଁ ଚିହ୍ନଉଛନ୍ ।
ଇତାକେ ଦେଖ ଈଶ୍ୱରକଁର୍ ମେଢ଼ିଛୁଆ, ଯିଏ ସଂସାରର୍ ସବୁ ପାପ୍‌କେ ବୁହି ନେଇ ଯାଏସନ୍ ।
ତାଁକର୍ ଡୁବନ୍ ପରେ ଈଶ୍ୱରକଁର୍ ଆତ୍ମା ଯୀଶୁକୁଁ ଶୁଇନ୍ ପଦାକେ ନେଇଁଗଲେ ।
ସେ ସେଠାନେ ଚାଲିଶ୍ ଦିନ୍ ଆରୁ ଚାଲିଶ୍ ରାଏତ୍ ତକ୍ ଉପାସ୍ ରହେଲେ, ଯେନ୍‌ତାକି ପାର୍‌ଥନା ଆରୁ ଉପାସ୍ ଲାଗି ସେ ନିଜର୍ ଦିଆହେଇଥିବା କାମ୍‌କେ ଭଲ୍ ଭାବେ ଜାନିପାର୍‌ବେ ।
ଈଶ୍ୱରକଁର୍ ଉଦେଶ୍‌କେ ସଫଲ୍ କର୍‌ବାର୍ ଲାଗି ଯୀଶୁକୁଁ ଦୁନିଆକେ ଈଶ୍ୱରକଁର୍ ଯୁଜନାକେ ଭଲ୍‌ଭାବେ ଉଜାଗର୍ କର୍‌ବାର୍ ଦର୍‌କାର୍ ଥିଲା । ଇଟା ଈଶ୍ୱରକଁର୍ ଯୁଜନା ଆଏ ଯେନ୍‌ତା ଲୋକ୍‌ମାନେ ମରନର୍ ବନ୍ଧନ୍‌ନୁଁ ମୁକୁଲ୍‌ବେ ।
ଯୀଶୁ ଶଏତାନ୍‌କେ ହରାଲେ । ଯିଏକି ଅନ୍ଧାରର୍ ଗୁସିଆଁ ଉଭାନ୍‌ମରନ୍ ଆରୁ ଲୋପ୍‌ପାଏବାର୍‌ଲାଗି ଇ ସଂସାରେ ଅଧିକାର୍ କର୍‌ସି ।
ହଁ ବାପା ତୁମେ ଯେନ୍‌ଟା କହିଛ ମୁଁଇ ସେଟା କର୍‌ମି ।


ହେଲେ ଶଏତାନ୍ ତାକଁର୍ ବଏରୀ ଲୁଭ୍‌ଲୁଭ୍‌ନିଆ ଦେଖେଇକରି ଈଶ୍ୱରକଁର୍ କାମ୍‌ନୁଁ ଯୀଶୁକୁଁ ଦୁରେ ଦେବାର୍‌କେ ଚେଷ୍ଟା କଲା ।
ତୁମେ ଯଦର୍‌ବି ଈଶ୍ୱରକଁର୍ ପୁଓ, ବଏଁଲେ ଇ ପଖନ୍‌ମାନ୍‌କେଁ ରୁଟି ବନଅ ।
ନାଇଁ, ଧରମ୍‌ଶାସ୍‌ତର୍ ଥି ଏନ୍‌ତା ଲେଖାହେଇଛେ, ମୁନୁଷ୍ ଖାଲି ରୁଟିଥି ନାଇଁ ବଚେଁ, ହେଲେ ବଚଂବାର୍ ଲାଗି ଈଶ୍ୱରକଁର୍ ବଚନ୍ ଭି ଦରକାର୍ ।

ତୁମେ ଯଦର୍‌ବି ସତେ ଈଶ୍ୱରଙ୍କର୍, ପୁଓ ବଏଁଲେ ତାହାକେ ପରମାଣ କର ମନ୍ଦିରର୍ ଛତ୍ ଉପ୍‌ରୁ ତଲ୍‌କେ ଡେଗିଦିଅ । ଦୁତ୍‌ମାନେ ତମ୍‌କେ ଛିନ୍‌ହି ପକାବେ ଇଟା କାଣା ଲେଖା ନାଇଁ ହେଇ ।
ଏନ୍ତା ଭିଲ୍ ଲେଖା ହେଇଛେ ତୁମେ ଆପଣା ପର୍‌ଭୁ ଈଶ୍ୱରକୁଁ ପରୀକ୍ଷା ନାଇଁ କର୍‌ବ ।

ତମେ ଯଦର୍‌ବି ସତେ ମତେ ମୁଡିଆ ମାର୍‌ବ ଆରୁ ପୂଜା କର୍‌ବ ବଏଁଲେ ମୁଇଁ ପୁର୍‌ଥିର୍ ଇ ସବୁ ବିଷେ ତମ୍‌କେ ଦେମି ।
ଦୂର୍ ହ ଶଏତାନ୍ ! ଇଟା ଲେଖାଅଛେ, ଖାଲି ତୁମେ ଈଶ୍ୱରଙ୍କର୍ ପୂଜା ଆରୁ ସେବା କର୍‌ବ ।

ଇତାର୍‌ପରେ ଶଏତାନ୍ ଯୀଶୁକୁଁ ଛାଡିକରି ପଲାଲା ଆରୁ ସରଗର୍ ଦୂତ୍‌ମାନେ ଆଇକରି ତାକଁର୍ ସେବା ଯତନ୍ କଲେ ।


ଯୀଶୁ ଆତ୍ମାକଁର୍ ଶକ୍ତିନେ ଗାଲିଲୀକେ ଫିରିଆଏଲେ ଆରୁ ତାଙ୍କର୍ ନାଁଟା ସେ ଅଁଚଲ୍ ଯାକି ଫଏଲିଗଲା । ଅନେକ୍ ଲୋକ୍ ତାଙ୍କର୍ ସାଙ୍ଗେ ମିଶ୍‌ଲେ ।
ଆଗତ୍‌କଥା କହୁମାନେ ଯେନ୍ ମସୀହଙ୍କର୍ କଥା ଲେଖିଥିଲେ ଯୀଶୁ ସେ ମସୀହ ଆନ୍ କି ନୁହେଁ ସେ, ତାହାକେ ଜାନ୍‌ବାର୍‌କେ ସେମାନେ ଇଛା କଲେ ।


ଗାଲିଲୀର୍ ପାହାଡ଼ିଆ ଅଁଚଲ୍‌ନେ ଥିବା କାନ୍ନା ନଗର୍‌ନ ଗୁଟେ ବିହାଘର୍ ହେଉଥିଲା ।
ଯୀଶୁ ଭିଲ୍ ତାକର୍ ମାଁ ଆରୁ କେତେଝନ୍ ଚେଲା ମାନ୍‌କଁର୍ ସାଙ୍ଗେ ସେ ବିହାଘର୍‌କେ ଯାଇଥିଲେ ।

ହେଲେ ବିହାଘର୍ ଚାଲିଥିବାର୍ ସମିଆନ ....
ଯୀଶୁ ତମ୍‌କେ ଯେନ୍‌ଟା କହେବେ ସେଟା କର ।
କାଣା ଅସୁବିଧା ହେଇଛେ । ଦ୍ରାକ୍ଷରସ ସରିଯାଇଛେ ।
ବଡ୍‌ଖା ବଡ୍‌ଖା ଜାଗାନ ପାଏନ୍ ଭର ଆରୁ ଚାଖିବାର୍‌କେ ବିହାଘରିଆ ପାଶ୍‌କେ ନିଅ ।
?
ପାଏନ୍ ? ହେଲେ ଇଟା ତ ଦ୍ରାକ୍ଷରସ୍ । ବହୁତ୍ ସୁଆଦ୍ ଦ୍ରାକ୍ଷରସ୍ ଆଏ ।
ଇଟାକେ ଚାଖ । ତୁମେ ଶେଷ୍‌ତକ୍ ଅଏନ୍ ଦ୍ରାକ୍ଷରସ୍ ଛଁଟିକରି ରଖିଛ ।
ଇତାର୍ ଆଗ୍‌ରୁ କେଭେଁ ଏନ୍‌ତା ଶୁଣା ନାଇଁ ଯାଇଥାଇଁ । ମୁଇଁ ଇତାର୍ ଆଗ୍‌ରୁ ଏନ୍‌ତା ବିହାଘର୍ କେଭେଁ ନାଇଁ ଦେଖି । ପାଏନ୍ ଦ୍ରାକ୍ଷରସ୍‌ନେ ବଦଲ୍‌ବାଟା ସବୁଠାନୁ ଭଲ୍ ଦ୍ରାକ୍ଷରସ୍ ।
ଇଟା ଥିଲା ନାଜରିତ୍ ଯୀଶୁଙ୍କର୍ ପହେଲା କାମ୍ ।
ସେଟା କିଏ ଆଏ ?
7.

ଗାଲିଲୀର୍ ହ୍ରଦର୍ ଖଁଡିନ ଥିବା କଫର୍ନାହୁମ୍ ସହର୍ ଗୁଟେ ଧନି କେଉଁଟ୍ ଗାଁଟେ ଆଏ ।
ଯୀଶୁ ଇଠାନେ ଲୋକ୍ମାନ୍‌କୁଁ ଈଶ୍ୱରଙ୍କର୍ ରାଏଜ୍ ବାବ୍‌ଦେ କହେବାର୍‌ଟା ଆରମ୍ଭ କଲେ ।
ଆରୁ ଇଠାନେ ସେ ତାକଁର୍ ପହେଲା ଚେଲାମାନ୍‌କୁଁ ବାଛ୍‌ଲେ ।
ପିତର୍, ଗହୀର୍ ପାଏନ୍‌କେ ଯ ଆରୁ ସେଠାନେ ତୁମର୍ ଜାଲ୍ ପକଅ ।
ଗୁରୁ, ଆମେ ରାଏତ୍‌ସାରା ଗୁର୍‌ଦୁଟେ ପକାଲୁଁନ ହେଲେ କିଛି ନାଇଁ ପାଏଁଲୁ ।
ଆରୁ ଯଦର୍‌ବି ତୁମେ କହୁଛ ବଏଲେଁ, ପକଉଛେଁ ।
ଇଟା କା'ଣା ! ମୁଇଁ ଇଟା ବିଶ୍‌ୱାସ୍ ନାଇଁ କରିପାର୍‌ବାର୍ ।

ଯାକୁବ ! ଯୋହନ !
ଇନ୍‌କେ ଆସ ! ଜୀବନ୍
ଯାକିର୍ ଆମେ ଏତ୍‌କିଟେ
ଝୁରି କେଭେଁ ନାଇଁ ଧରି ।
ପରଭୁ ମୋର୍ ପାଖୁଁ ଚାଲିଯଅ ।
ମୁଇଁ ଗୁଟେ ପାପୀ ମୁନୁଷ୍ ଆଏଁ ।
ନାଇଁ ଡ଼ର ପିତର !
ଆସ ଆରୁ ମୋର୍ ପଛେ ଚାଲ ।
ମୁଇଁ ତୁମ୍‌କେ ମୁନୁଷ୍ ଧର୍‌ବାର୍ ସିଖାମି ।
ମୋର୍ ପଛେଁ ଆସ ।


ଯୀଶୁ ଚେଲାକ୍‌ମାନ୍‌କଂର୍ ସାଗେଁ ଗାଲିଲୀର୍ ଚାରହିକୁତି ଈଶ୍ୱରଙ୍କର୍ ରାଏଜ୍ ବିଷେଥି ପର୍‌ଚାର୍ କଲେ, ବେମାରୀ ଠିକ୍ କଲେ, ଭୂତ୍‌ମାନ୍‌କେଁ ଖେଦି ଦେଲେ । ଲୋକ୍‌ମାନେ ଚକିତ୍ ହେଇକରି ତାକଂର୍ ପଛେ ଚାଲ୍‌ଲେ । ସେମାନେ ଭିନ୍ ଭିନ୍ ଜାଗାନୁ ଆସୁଥିଲେ ଆରୁ ତାକଂର୍ ସବୁ କଥାଥି ବିଭୋର୍ ହେଇଯାଉଥିଲେ ।
ଆତ୍‌ମାନେ ଗରିବ୍ ଲୋକ୍‌ମାନେ ଧଏନ୍ କାରଣ୍ ସରଗ୍‌ରାଏଜ୍ ସେମାନକର୍ ଆଏ ।
ଧାରମିକ୍‌ତା ଲାଗି ଭୁଖେଁ ଆରୁ ଶୁଷେ ଥିଲା ଲୋକ୍‌ମାନେ ଧଏନ୍ କାରଣ୍ ସେମାନେ ତୃପ୍‌ତି ପାଏବେ ।
ଯେନ୍‌ମାନେ କାନ୍ଦ୍‌ସନ୍ ସେମାନେ ଧଏନ୍ କାରଣ ସେମାନେ ହସ୍‌ବେ ।
ଯଦର୍‌ବି ଲୋକ୍‌ମାନେ ମୋର୍ ଲାଗି ତୁମ୍‌କେମାନ୍‌କେ ଖରାପ୍ ସୁଚ୍‌ବେ ବଏଲେଁ ତୁମେମାନେ ଧଏନ୍ । ଉସତ୍ ଆରୁ ଆନନ୍ଦ୍ ହୁଅ, ଯେନ୍‌ତା କି ସର୍‌ଗେ ତୁମର୍‌ମାନ୍‌କଂର୍ ଲାଗି ବଡ୍‌ଖା ପୁରସ୍କାର୍ ରହିଛେ ।


ଦୁସ୍‌ରାମାନେ ଯେନ୍‌ତା ତୁମର୍ ଲାଗି କରୁନ୍ ବୋଲି, ଭାବୁଛ, ତୁମେଭି ସେମାନ୍‌କଁର୍ ଲାଗି ସେନ୍‌ତା କର ।
ତୁମର୍ ବଏରୀମାନ୍‌କୁ ପ୍ରେମ୍‌କର ଆରୁ ସେମାନ୍‌କର୍ ଲାଗି ପର୍‌ଭୁର୍‌ଠାନେ ଗୁହାରୀ କର ।
ଲୋକକଁର୍‌ନୁଁ ପରଶଂସା ପାଏବାର୍ ଲାଗି ଲୋକ୍ ଦେଖାନିଆଁ କାମ୍ ନାଇଁ କରି କରି ଗୁପତ୍‌ନେ ଅଏନ୍ କବାର୍‌କମ୍ କର ।
ଯଦର୍‌ବି କେ ଖରାପ୍ ନଜର୍‌ଥି କେନ୍‌ସି ମାଇକିନାକେ ଦେଖୁଛେ, ବଏଁଲେ ସେ ନିଜେ ମନ୍ ଭିତ୍‌ରେ ତାର୍ ସାଙ୍ଗେ ବେଧୁଆଁ କାମ୍ କରିସାର୍‌ଲା ନ ।
ଆଏଁଖ୍ ଦେହର୍ ଉଜିଆ ଆଏ । ତୁମର୍ ଆଏଁଖ୍ ଯଦର୍‌ବି ପଏର୍‌ଚ୍ଛା ଅଛେ ବଏଁଲେ ତୁମର୍ ସବୁ ଦିହେଁ ଉଜିଆଲା ହେବା । ମାତର୍‌କ ଯଦର୍‌ବି ତୁମର୍ ଆଏଁଖ୍ ଅନ୍ଧରିଆ ଅଛେ ବଏଁଲେ ତୁମେ ଅନ୍ଧାରେ ବାସ୍ କରୁଛ ।
କିହେବି ଦୁଇଟା ଗୁସିଆଁର୍ ଯତନ୍ ନାଇଁ କରିପାରେ । ହୁଏତ ଈଶ୍ୱରକୁଁ ନାଇଁତ ଧନ୍‌କେ ।
କାଲିରର୍ ଲାଗି ଚିନ୍ତା ନାଇଁ କର । ପହେଲା ଈଶ୍ୱରକଁର୍ ରାଏଜ୍ ବିଷେ ଖୋଜ୍ କର ଆରୁ ବାକି ସବୁ ବିଷେ ତୁମ୍‌କେ ଦିଆହେବା ।
ଯଦର୍‌ବି ତୁମେ ମୋର୍ କଥା ଶୁନିକରି ପାଳନ୍ କର୍‌ବ ବଏଁଲେ ତୁମେ ପଖନ୍ ଉପ୍ରେଁ ଘର୍ ବନଉଥିବାର୍ ଲୋକ୍‌ମିତାର୍ ହେବ ଆରୁ ଯଦର୍‌ବି ପାଳନ୍ ନାଇଁ କର୍‌ବ ବଏଁଲେ ବାଏଲ୍ ଉପ୍ରେଁ ଘର୍ ବନଉଥିବାର୍ ଲୋକ୍‌ମିତାର୍ ହେବ ।

ଯୀଶୁ କଫରନାହୁମ୍‌ର ଗୁଟେ ଘରେ ଥିବାର୍ ସମିଆନ
ଲୋକ୍‌ମାନେ ତାକଁର୍ ଚାରହିଁକୁତି ଗହଲ୍ କରିଥିଲେ.......
ଆମେ କେନ୍‌ସି ମେତରି ଭିତର୍‌କେ ପଶି ନାଇଁ ପାରୁଁ ।
ବଏଁଲେ ଇ ଛାତ୍ ବାଟେ ଖଟିଆକେ ଗଲାମା ।
ସେଠାନେ କାଣା ଚାଲିଛେ ?
ସେମାନ୍‌କେଁ ଛାଡି ଦିଅ । ସେ ସାଙ୍ଗ୍‌ମାନ୍‌କଁର୍ ଗୁରଦୁ ବିଶ୍‌ପାସ୍ ଅଛେ ।
ତୁମର୍ ପାପ୍ ସାବୁ ମାଫ୍ ହେଲା ।
ସେ କେନ୍‌ତା କଲା ତୁମେ ସେଟା ଶୁନିପାରଲ କାଏଁ ?
ସେ ଇଶ୍ୱର ନିନ୍ଦା କରୁଛେ ।
ଖାଲି ଇଶ୍ୱର୍ ହିଁ ଝନେକ ପାପ୍‌କେ ମାଫ୍ କରିପାର୍‌ସନ୍ ।
ଗୁଟେ ଛୁଟା ଲୋକ୍‌କେ କା'ଣା କହେବାର୍‌ଟା ସହଜ୍ ଆଏ । ତୁମର୍ ପାପ୍ ମାଫ୍ ହେଲା ବୋଲି ନା ଉଠ ଚାଲ' ବୋଲି ?
ପାପ୍‌ନୁ ମାଫ୍ କର୍‌ବାକେ ଖାଲି ମସୀହକଁର ଅଧିକାର୍ ଅଛେ । ମାତର୍‌କ ମୁଇଁ କହୁଛେଁ; ତୁମର୍ ବିଛନାକେ ଉଠଅ ଆରୁ ଚାଲ ।

ବିଶ୍ପାସ୍ ନାଇଁ ହେବାର୍ ।
ସେ ଚାଲୁଛେ ।
ହଁ । ମୁଇଁ ଚାଲି ପାରମି ।
ମାତର୍କ ଯୀଶୁଙ୍କର୍ ଇ କାମ୍‌କେ ସଭେ ଯାକିର୍ ଖୁସି ନାଇଁ ଥାଇଁ । ଧରମ୍‌ନେତାମାନେ ଇଟାକେ ବିଶ୍ରାମବାରର୍ ବିଧିବିଧାନ୍ କାମ୍ ନୁହେସେ ବୋଲି ଜଣାଲେ । ବିଶ୍ରାମବାରେ ଇଶ୍ରାୟେଲମାନ୍‌କଁର୍ ଭିତ୍ରେ କେନ୍‌ସି କବାର୍‌କମ୍ କର୍‌ବାକେ ଜୋର୍‌କରି ମନା କରିଥିଲେ ।
ଇ ଲୋକର୍ ହାତ୍ ଶୁଖିଯାଇଛେ । ଏନ୍ତା ଦିନେ ଇତାକେ୍ ଅଏନ୍ କର୍‌ବାଟା ଅନୁମତି ଅଛେ କାଏଁ ?
ତୁମର୍ ହାତ୍ ବଢ଼ଅ ।
ଓ୍ବା ! ମୁଇଁ ଅଏନ୍ ହେଇଗଲି ।
ଆମେ ତାକୁଁ ଧର୍‌ବାର୍ ବାଟ୍ ପାଇଛୁଁ ।
ଯିରୁଶାଲମର୍ ନେତାମାନେ ଭି କହେବେ ଯେ, ସେ ଆମର୍ ଜାଏତ୍‌କେ ଉବଟିଆ କରଉଛନ୍ ।
13

ଗାଲିଲୀର୍ ହ୍ରଦ୍‌ରେ ଯୀଶୁ ତାଙ୍କର୍ ଚେଲାମାନ୍‌କଁର୍ ସାଙ୍ଗେ ଡ଼ଙ୍ଗାଥି ଯଉଛନ୍ ।
ଗୁରୁ ! ରକ୍ଷା କରୁନ୍ !
ଆମେମାନେ ବୁଡି ଯଉଛୁଁ ।
ତୁମେମାନେ କାଁକରି ଡରୁଛ ?
ତୁମର୍ କାଣା ବିଶ୍‌ପାସ୍ ନାଇଁ ନ ?


ଚୁପ୍ ହ । ସୁସ୍ଥ ହ ।
ସେମାନେ ଖଁଡ଼ିନ ସେମାନ୍‌କଁର୍ ଡ଼ଙ୍ଗାକେ ବାନ୍ଧ୍‌ଲେ । ହେଲେ ଡଙ୍ଗରେ
ହା............ ହା.............. ।

ସେଠାନେ ଭୁତ୍ ଲାଗିଥିବାର୍ ଗୁଟେ ଲୋକ୍‌ଟେ ଥିଲା । ଯିଏକି ଡଙ୍ଗରେ ରହୁଥିଲା ।
ତାହାକେଁ ହାଁ ।
ସେ ଆସୁଛନ୍ ।
ଠିକ୍ ଅଛେ, ଭଲ୍ । ଯୀଶୁ ।
ହେ ସର୍ବୋପରିସ୍ଥ ଈଶ୍ୱରଙ୍କର୍ ପୁଓ, ମୋର୍ ସାଙ୍ଗେ ତୁମର୍ କାଣା ଅଛେ ?
ତାହାକେ ଛାଡିଦେ, ପ୍ରେତାତ୍ମା ।
ତୋର୍ ନାଁ କାଣା ?
ବାହିନୀ, କାରଣ୍ ଆମେ ଗୁର୍‌ଦୁଟେ ଅଛୁଁ ।
ଯୀଶୁ କହେଲେ ସେ ଘୁସ୍‌ରୀମାନ୍‌କଁର୍ ନିକେ ଚାଲିଯା' ।
ଚାଲିଯା' ।

?
ମୁଇଁ ପୁରାପୁରି ଅଏନ୍ ହେଇଗଲି ।
ଯା ! ଆମ୍‌କେ
ଛାଡିକରି ଚାଲିଯା ।
ମୁଇଁ ତୁମର୍ ସାଙ୍ଗେ
ଆସିପାର୍‌ମି କାଏଁ ?
ନାଇଁ ! ଇଠାନେ ରହ ! ଈଶ୍ୱର୍
ତୁମର୍ ଲାଗି ଯେନ୍‌ଟା କରିଛନ୍
ହେଟାକେ ସମ୍‌କୁଁ କହ ।


ମୁଇ ତମ୍‌କୁମାନ୍‌କୁ କହୁଛେଁ : ପୁଓ ନିଜେ କିଛୁ ନାଇଁ କରିପାରେ । ବାପା ଯେନ୍‌ଟା କର୍‌ବାର୍‌ଟା ସେ ଦେଖିସନ୍, ପୁଓ ହେଟାକେ କର୍‌ସନ୍ । ମୁଇଁ ନିଜର୍ ଇଚ୍ଛାଥି କିଛୁ ନାଇଁ କରି ହେଲେ ଯେ ମତେ ପଠେଇଛନ୍, ସେ ମୋର୍ ବାପାକଁର୍ ଇଚ୍ଛାନେ ମୁଇଁ କରୁଛେଁ ।
ଯୀଶୁ ସବୁବେଲେ ପାରଥନା କର୍‌ବାକେ ସୁଇନ୍ ଜାଗାକେ ଯଉଥିଲେ ।
ଦିନେ ରାତିର୍ ସମିଆନ ପାରଥନା କଲାପରେ ଯୀଶୁ ୧୨ ଝନ୍ ପ୍ରେରିତ୍ ଚେଲାମାନ୍‌କେଁ ବାଛ୍‌ଲେ । ସେ ସେମାନ୍‌କୁଁ ଦୁଇ ଦୁଇଟା କରି ପଠାଲେ । ଭୁତ୍ ଛଡାବାର୍‌କେ ଆରୁ ବେମାର୍‌ନୁ ବନେ କର୍‌ବାକେ ସେ ସେମାନ୍‌କୁ ଶକ୍‌ତି ଦାନ୍ କଲେ ।
ସେମାନେ ପିତର୍ ଆରୁ ଆନ୍ଦ୍ରିୟ ଦୁହି ଭାଏ
ସେମାନେ ଯାକୁବ୍ ଆରୁ ଯୋହନ୍ ଦୁହି ଭାଏ
ଫିଲିପ୍ ଆରୁ ବାର୍ଥଲମି


ଥୋମା ଆରୁ ମାଥିଉ ଯିଏ ପହେଲା ରୋମୀ କରଉକ୍ରଉ ଥିଲା ।
ଥଦ୍ଦୟ, ଯାକୁବ
ଉଦ୍‌ଯୋଗୀ ଶିମୋନ୍ ଆରୁ ଇଷ୍କାରିୟୋଥ ଯିହୁଦା
ଯ ! ଯେ ତୁମ୍‌କେ ଗର୍‌ହନ୍ କର୍‌ବା, ସେ ମତେ ଗର୍‌ହନ୍ କର୍‌ବା ଆରୁ ଯେ ମତେ ଗର୍‌ହନ୍ କର୍‌ବା, ସେ ମୋର୍ ପଠାଲା ଲୋକ୍‌କେ ଗର୍‌ହନ୍ କର୍‌ବା ।
୧୨ ଝନ୍ ଚେଲା ବହୁତ୍ ଟେ ଉସତ୍ ହେଇକରିସେମାନ୍‌କଁର୍ କବାର୍‌କମ୍ କରିକି ଫିର୍‌ଲେ । ତାର୍‌ପରେ ଯୀଶୁ ସେମାନ୍‌କଁର୍ ସାଙ୍ଗେ ଗୁଟେ ନିଛାଟିଆ ଜାଗାକେ ଯିବାର୍‌କେ ମନ୍ କଲେ, ହେଲେ ଲୋକ୍‌ମାନେ ତାହାକୁଁ ଏକ୍‌ଲା ନାଇଁ ଛାଡ୍‌ଲେ ।
ଫସଲ୍ ତ ଗୁର୍‌ଦୁ ଅଛେ, ମାତର୍‌କ ଭୁତିଆର୍ କମ୍ ଅଛନ୍ । ହେତିର୍ ଲାଗି ଖେତର୍ ମାଲିକ୍‌ଠାନେଁ ଗୁହାରି କର । ଯେନ୍‌ତା କି ସେ ଫସଲ୍ କାଟ୍‌ବାର୍ ଲାଗି ଲୋକ୍‌ମାନ୍‌କେଁ ପଠାବେ ।


ଯୀଶୁ ଶିକ୍ଷା ଦେବାରଥି ଆରୁ ବନେକରବାରଥି ଲାଗି ରହିଛନ୍ । ଇଆଡ଼େ ଡ଼େରି ହେଇଁଗଲାନ......
ଫିଲିପ୍, ଇ ଲୋକ୍‌ମାନେ କେନ୍‌ଠାନୁଁ ଖାଏବାର୍‌କେ ପାଏବେ ?
ତୁମେ ସେମାନ୍‌କୁ କିଛୁ ଖାଏବାର୍‌କେ ଦିଅ ।
ଆଠ ମାସର୍ କମାନି ଭି ଇଠାନେ ବେଶୀ ନାଇଁ ହୁଏ ।
ଇଠାନେ ଖାଲି ଗୁଟେ ଛୋଟ୍ ପିଲାର୍ ପାଶେଁ ପାଁଚ୍‌ଟା ରୁଟି ଆରୁ ଦୁଇଟା ଝୁରି ଅଛେ ।
ପଚ୍‌ାଶ୍ ଝନିଆଁ ଦଲ୍‌କରି ଲୋକ୍‌ମାନ୍‌କୁଁ ବସଅ ।
ଯୀଶୁ ଈଶ୍ୱରଙ୍କୁ ଧଏନ୍‌ବାଦ୍ ଦେଲେ ।
ସେ ରୁଟି ଆରୁ ଝୁରିକେ ଭାଙ୍ଗ୍‌ଲେ ।


ଯୀଶୁ ସେ ଖାଏବାର୍‌ଟାକେ ବହୁତ୍‌ଗୁଣା କରବାରୁ ହଜାର୍ ହଜାର୍ ଲୋକ୍ ଖାଏଲେ ।

ଆମେ ତାହାକେଁ ରଜା କରମା ।
ସେ ନିଶ୍ଚେ ମଶୀହ ଆନ୍, ଯାହାକେ ଆଏବାର୍ ଥିଲା ।

ଦେଖ ପୁରା ୧୨ ଡଲା ଅଗ୍‌ଲି ଯାଇଛେ ।

ଇହାଦେ ଲୋକ୍‌ମାନେ ଘର୍‌କେ ଫିର୍‌ବାର୍ କଥା । ତୁମେମାନେ ଡଙ୍ଗାଥି ଆର ଖଁଡ୍‌କେ ଯ । ମୁଇଁ ପାର୍‌ଥନା କର୍‌ବାକେ ଇ ଡଙ୍ଗର୍‌ନ ରହେମି ।

ତାରପରେ ......
ନାଇଁ ଡର, ଇଟାତ ମୁଇଁ ଆଏଁ ।
ଇଲୋ, ମାଲୋ...... । ଇଟା ଗୁଟେ ଭୁତ୍ ।
ପର୍ଭୁ ଯଦର୍ବି ଆପଣ ଆନ୍ ବଏଁଲେ ପାଏନ୍ ଉପ୍ରେଁ ଚାଲିକରି ଆପଣକଁର୍ ପାଶ୍କେ ଯିବାର୍କେ ମତେ ଆଦେଶ୍ କରୁନ୍ ।
ଆସ, ପିତର ।
ପର୍ଭୁ, ମତେ ରକ୍ଷା କରୁନ୍ ।
ପିତର୍ ତମେ କାଏଁ ହେଲା ଯେ ସନ୍ଦେ କଲ ।



ଅନେକ୍ ଲୋକ୍ ଯୀଶୁକୁଁ ରଜା କର୍‌ବାର୍‌କେ ଚାହୁଁଥିଲେ । ସେମାନେ ଭାବୁଥିଲେ ଯୀଶୁକଁର୍ ଅକ୍‌ତେଆର୍‌ରେ ରୋମୀୟ୍ ମୁଖିଆମାନେ ଖେଦ୍‌ଲେ । ଯୀଶୁକଁର୍ ବଏରୀମାନେ ବଢ଼ିକରି ତାହାକୁଁ ଥଟାମଜାକ୍ କଲେ ଆରୁ ଲୋକ୍‌କୁ ମତେଇ କରି ତାକଁର୍‌ନୁ ଦୁରେଇ ଦେବାର୍‌କେ ଚାହୁଁଥିଲେ ।
ଗୁରୁ ଆପଣ୍ କେତେବେଲେ ଇନ୍‌କେ ଆସ୍‌ଲେ ?
ମୁଇଁ ତୁମ୍‌କେମାନ୍‌କେଁ ରୁଟି ଖୁଏଥିବାର୍ ଲାଗି କାଣା ତୁମେମାନେ ମତେ ନୁରୁଛ ?
ଯେନ୍ ଖାଏଦ୍ ଖରାପ୍ ହେଇଯିବା ତାର୍‌ଲାଗି ଚିନ୍ତା ନାଇଁ କର, ମାତର୍‌କ ଯେନ୍ ଖାଏଦ୍ ଖରାପ୍ ନାଇଁ ହେଇକରି ଅନନ୍ତ ଜୀବନ୍ ଦାନ୍ କର୍‌ବା, ତାର୍ ଲାଗି ଚିନ୍ତା କର ।
ମୁଇଁ ଜୀବନ୍ ଦେବାର୍ ଆହାର୍ ଆଏଁ । ଇଟା ମୋର୍ ଦେହେ ଆଏ । ଯାହାକେ ମୁଇଁ ଜଗତର୍ ଜୀବନ୍ ଲାଗି ଦେମି ।
ଇ ମୁନୁଷ୍ କେନ୍ତାକରି ଆମ୍‌କୁ ତାର୍ ଦେହେକେ ଖାଏବାର୍ କେ ଦେବା ?
ନାଇଁ ହେଲା କଥା ।
ଚାଲ ଯିମା ।
ସେ ଖାଲି ସମ୍‌କୁଁ ଠକୁଛେ ।
ତୁମେମାନେ କାଣା ଚାଲିଯିବାର୍‌କେ ମନ୍ କରୁଛ ?
ପର୍‌ଭୁ, ଆମେ କାହାର୍ ପାଶ୍‌କେ ଯିମୁଁ ? ଆପଣକଁର୍ ପାଶେ ତ ଅନନ୍ତଜୀବନର୍ ବଚନ୍ ଅଛେ ।


ଯୀଶୁକଁର୍ ବଏରୀମାନ୍‌କର୍ ସଂଖ୍ୟା ବଢ୍‌ବାର୍‌କେ ଲାଗ୍‌ଲା । ସେ ଗାଲିଲୀ ଅଂଚଲ୍ ଛାଡିକରି ଇଶ୍ରାୟେଲ୍‌ର ଅଲ୍‌ଗା ଜାଗାମାନ୍‌କେଁ ଦୁହେଁ ମୁନୁଷ୍ ଆରୁ ମାଏଝି ତାକଁର୍ ପଛେଁ ଚାଲ୍‌ବାର୍ ଦଲ୍ ସାଙ୍ଗେଁ ମିଶିକରି ତାକଁର୍ କବାର୍‌କମ୍ କଲେ ।
ଗାଲିଲୀ
ଯିରୁଶାଲମ୍
ଇସ୍ରାଏଲ୍
ପରେ ସେ ଯିରୁଶାଲମ୍‌କେ ଗଲେ ।
ମୁଇଁ କିଏ ଆଏଁ ବୋଲିକରି ଲୋକ୍‌ମାନେ କାଣା କହେସନ୍ ?
ସେମାନେ କହେସନ୍ ଆପଣ୍ ଜଣେ ଆଗତ୍‌କଥା କହୁ ।
ଯିବାର୍ ସମିଆନ.....
ଆରୁ ତୁମେମାନେ ?
ମୁଇଁ କିଏ ବୋଲିକରି ତୁମେମାନେ କାଣା ଭାବୁଛ ?
ଆପଣ ଉଦ୍ଧାରକର୍ତ୍ତା, ଜିଁ ଥିବାର୍ ଇଶ୍ୱରକଁର୍ ପୁଓ ଆନ୍ ।
କାହାକେ ନାଇଁ କହ । ମସୀହକୁଁ ଯିରୁଶାଲମ୍‌କେ ଯିବାର୍‌କେ ହେବା ଆରୁ ଦୁଃଖ୍‌କଷ୍ଟ ସହିକରି ମର୍‌ବାକେ ପଡ୍‌ବା । ହେଲେ ତିନ୍ ଦିନ୍ ପରେଁ କବର୍‌ନୁ ଫିର୍‌ଘାଏ ଉଠ୍‌ବେ ।

ଯିରୁଶାଲମ୍ ସହରର୍ ବାହାରେ ଲୋକ୍‌ମାନ୍‌କୁଁ, ମରାଯାଉଥିଲା ସେମାନ୍‌କୁଁ କୁଶ୍‌ଥି ଝୁଲେଇ ଦିଆଯାଉଥିଲା, ଯେନ୍‌ତାକି ରୋମୀୟମାନ୍‌କର୍ ଗୁଟେ ବଡ୍‌ଖା ନିଠୁର୍ ମରନ୍ ଶାସ୍‌ତି ଥିଲା ।
ଯିଏ ଭି ମୋର୍ ପଛୁଆଲ୍ ହେବାକେ ଚାହୁଁଛେ, ବଏଁଲେ ସେ ନିଜ୍‌କେ ଭୁଲିଯାଉ ଆରୁ ନିଜର୍ କୁଶ୍‌କେ ବୁହିକରି ମୋର୍ ପଛେ ଆସୁ ।
ଯିଏ ଭି ନିଜର୍ ଜୀବନ୍‌କେ ଧରି ରଖିବାର୍‌କେ ଚାହେଁସି ସେ ସେଟା ହରାବା, ମାତର୍‌କ ଯେ ମୋର୍ ଲାଗି ନିଜର୍ ଜୀବନ୍ ହରାବା ସେ ତାହାକେ ଲାଭ୍ କର୍‌ବା ।
ତୁମେ ଇଟା ନିଶ୍ଚିତ୍ ଜାନ୍‌ବ ଯେ, ଖାଲି ଝନେନ ଈଶ୍ୱର୍ ଅଛନ୍ ।
ମୂଲ୍‌ବିଷେ ହେଉଛେ ଯେ, ତୁମେ ତୁମର୍ ସବୁକିଛି ଦେଇକରି ଈଶ୍ୱରକୁଁ ପ୍ରେମ୍ ଭକ୍ତି କର ଆରୁ ନିଜର୍ ଆଖରପାଖର୍ ଲୋକ୍‌ମାନ୍‌କୁଁ ନିଜର୍ ଭଲିଆ ପ୍ରେମ୍ କର ।

ସେ ସମିଆନ ଇଶ୍ରାୟେଲ୍ ଭିତ୍‌ରେ କୁଷ୍ଠରୋଗୀ ରହୁଥିବାର୍ ଗାଁମାନେ ଥିଲା । କୁଷ୍ଠରୋଗ୍ ଗୁଟେ ମାରାତ୍ମକ୍ ଚମଡା ରୋଗ୍ ଆଏ । ଇ ବେମାରୀମାନ୍‌କୁଁ ଅଲଗା ଅଏନ୍ ଲୋକ୍‌ମାନ୍‌କଁର୍ ସଂଗେ ମିଶ୍‌ବାର୍‌କେ ମନା କରାହେଉଥିଲା ।
କୁଷ୍ଠ ବେମାରୀମାନେ କେନ୍‌ସି ଜାଗାକେ ଯିବାର୍ ସମିଆନ ଗଗେଇକରି, ସେମାନକର୍ ଆସ୍‌ବାର୍ ବିଷେଥି ଲୋକ୍‌ମାନ୍‌କୁଁ ସଚେତ୍ କରାଉଥିଲେ ।
କୁଷ୍ଠରୋଗୀ ! କୁଷ୍ଠରୋଗୀ !
ହେ ଯୀଶୁ ! ଗୁରୁ ! ଆମ୍‌କୁ ଦୟା କରୁନ୍ ।


ଯଅ ମନ୍ଦିରର୍ ପୂଝାରୀମାନ୍‌କର୍ ନିକେ ଯାଇକରି ନିଜ୍‌କେ ଦେଖାଅ ।
ଆମେ କାଣା ଏନ୍‌ତା ଅଏନ୍ ହେମାଁ ।
ମନ୍ଦିରର୍ ପୂଝାରୀମାନ୍‌କର୍ ନିକେ ପରୀକ୍ଷା କର୍‌ବାର୍‌କେ ଯିମା ?
?
!
ଦେଖ ! ମୁଇଁ ଅଏନ୍ ହେଇଗଲି ।
ଆମେମାନେ ଅଏନ୍ ହେଇଗଲୁ ।
ହଁ !
ହାଲ୍ଲେଲୁୟା ! ଈଶ୍ୱର୍ ଭଲ୍ ଆନ୍ ! ଧଏନ୍‌ବାଦ୍ !
୧୦ ଝନ୍ କାଣା ଅଏନ୍ ନାଇଁ ହେଲେ ? ବାକିମାନେ କାହିଁ ? ଈଶ୍ୱରକୁଁ ଧଏନ୍‌ବାଦ୍ ଦେବାର୍‌କେ ସେମାନେ କାଣା ନାଇଁ ଆସଁନ୍ ?
ଉଠ ! ତୁମର୍ ବିଶ୍‌ପାସ୍ ଖାଲି ତମ୍‌କେ ଅଏନ୍ ନାଇଁକରି, ତମ୍‌କେ ରକ୍ଷା ବି କରିଛେ ।


ଯିରୁଶାଲମର୍ ଯିହୁଦୀ ନେତାମାନେ
ସେମାନ୍‌କର୍ ଚାକର୍‌ମାନ୍‌କୁଁ ଯୀଶୁକଁର୍
ବିରୁଧ୍‌ନେ ଗୁପ୍‌ତିଆ ମିତାର୍ ପଠାଲେ ।
ସେମାନେ ସବୁବେଲେ ଯୀଶୁକଁର୍
କାମ୍‌କେ ବିରୋଧ୍ କରୁଥିଲେ ।
ସେ ବେଥୁଆଁ ଆରୁ କର୍‌ଉକ୍‌ଉ ବାଗିର୍ ଖରାପ୍ ଲୋକ୍‌ମାନ୍‌କର୍ ସଂଗେ ମିଶ୍‌ସି ବଲି ।
ଯେନ୍‌ମାନେ ପାପେଁ ହଜିଯାଇଛନ୍,
ସେମାନ୍‌କେଁ ଖୁଜି ବଁଚାବାର୍‌କେ ମସିହା ଆସିଛନ୍ ।
କାରଣ୍ ଯୀଶୁ ବିଶ୍ରାମ୍‌ଦିନେ ଅଏନ୍ କର୍‌ସନ୍ ।
ଅଏନ୍ ହ !
ଆରୁ ପିଲାମାନ୍‌କେଁ ସେ ବିଶେଷ୍ ଧିଆନ୍ ଦେସନ୍ ।
ପିଲାମାନ୍‌କେଁ ମୋର୍ ପାଶ୍‌କେ ଆସ୍‌ବାର୍‌କେ ଦିଅ ।
ଈଶ୍ୱରକଁର୍ ରାଏଜ୍ ସେମାନ୍‌କର୍ ଆଏ ।

ଲାଜାରଙ୍କର ବେମାର୍ ଲାଗି ଯୀଶୁଙ୍କୁଁ ଯିରୁଶାଲମ୍ ପାଖର୍ ବେଥାନୀ ଗାଁକେ ଆସ୍‌ବାର୍‌କେ ଖବେର୍ ଦିଆହେଲା । ଲାଜାର୍ ଆରୁ ତାଁକର୍ ଦୁହି ବୁହେନ୍ ମାରଥା ଆରୁ ମରିୟମ୍ ଯୀଶୁଙ୍କର୍ ଅଏନ୍ ସାଂଗ୍ ଥିଲେ । ଯୀଶୁ ବେଥାନୀକେ ପହଁଚିକରି ଖବେର୍ ପାଏଲେ ଯେ ଲାଜାର୍ ଚାଏର୍ ଦିନ୍ ଆଗ୍ରୁ ମରିଗଲେନ ।
ପର୍‌ଭୁ !
ପର୍‌ଭୁ, ଆପଣ୍ ଯଦର୍‌ବି ଇନୁଥିତେ ବର୍ଏଁଲେ ମୋର୍ ଭାଏ ନାଇଁ ମରିଥିତା ।
ତମର୍ ଭାଏ ଫିର୍ ଘାଏ ଉଠ୍‌ବା ମାରଥା ।
ହଁ ମୁଇଁ ଜାନିଛେଁ ଶେଷ୍‌ଦିନେ ପୁନରୁତ୍‌ଥାନ୍ ସମିଆନ ସେ ଫିର୍‌ଘାଏ ଉଠ୍‌ବା ।
ମୁଇଁ ପୁନରୁତ୍‌ଥାନ୍ ଆରୁ ଜୀବନ୍ । ଯେ ମୋର୍‌ଠାନେ ବିଶ୍‌ପାସ୍ କର୍‌ସି, ସେ ମଲେ ବି ବଁଚ୍‌ବା । ତମେ କାଣା ଇଟାକେ ବିଶ୍‌ପାସ୍ କରୁଛ ମାରଥା ?
ହଁ ପର୍‌ଭୁ ସଂସାର୍‌କେ ଯାହାଙ୍କର୍ ଆଏବାର୍ ଥିଲା, ଆପଣ୍ ଯେ ଈଶ୍ୱରଙ୍କର୍ ପୁଓ ସେ ପ୍ରତିଜ୍ଞାତ୍ ପରିତ୍ରାଣକର୍ତ୍ତା ଇଟା ମୁଇଁ ବିଶ୍‌ପାସ୍ କର୍‌ସିଁ ।
ତୁମେ ତାହାକେ କେନୁ ତୁପିଛ ?
ପର୍‌ଭୁ ଆସୁନ୍ ଦେଖ୍‌ବେ ।


ଦେଖି ସେ ସତେ ତାହାକେ ପ୍ରେମ୍ କରୁଥିଲେ ।
ମାତର୍‌କ ସେ କାଣା ଲାଜାର୍‌କେ ମଲାମୁହୁଁନୁ ରକ୍ଷା ନାଇଁ କରିପାରିଥିତେ ।
ଇଠାନେ ମଲା ଲୋକ୍‌ଟେ କପଡାନ ଗୁରେଇ ହେଇକରି ପଖନର୍ କବରର୍ ଭିତ୍‌ରେ ଅଛେ ।
ପଖନ୍‌କେ ଘୁଁଚେଇ ଦିଅ ।
ପର୍‌ଭୁ ଇଟା ପଚିସଢ଼ି ଯିବାନ, କାରଣ୍ ମର୍‌ବାର୍‌ଟା ଚାଏର୍‌ଦିନ୍ ହେଇଗଲାନ ।
ତୁମେମାନେ ଈଶ୍ୱରଙ୍କର ମହିମାକେ ଦେଖିବ
ବାପା, ଇଠାନେ ଠିଆ ହେଇଥିବା ଲୋକ୍‌ମାନେ ଯେନ୍‌ତା ବିଶ୍‌ପାସ୍ କର୍‌ବେ ଯେ ତୁମେ ମତେ ପଠେଇଛ ବୋଲି ସେଥିର୍‌ଲାଗି ମୁଇଁ ଇଟା କହୁଛେଁ ।
ଲାଜାର୍ ବାହାରି ଆସ ।
ମଶାନ୍ କପଡାସବୁ ବାହାର୍ କର ଆରୁ ତାହାକେ ଯିବାର୍‌କେ ଦିଅ ।

ଯିରୁଶାଲମର୍ ମୁଖିଆମାନେ ଯୀଶୁ ଆରୁ ତାକଁର୍ ଚେଲାମାନ୍‌କଁର୍ ବିଷେଥି ଜହକରି ବିତ୍‌ବିତେଇ ଗଲେ ।
ଇ ଲୋକ୍ ବହୁତ୍‌ଟେ ଆସ୍‌ରିଜ୍ କାମ୍ କରୁଛେ ।
ଆମେ ଯଦର୍‌ବି ଏନ୍‌ତା ଭାବେ ତାହାକେ ଛାଡିଦେମା ବଏଁଲେ ରୋମୀୟମାନେ ଆମ୍‌କେ ଶାସ୍‌ତି ଦେବେ ।
ସେମାନେ ଆମର୍ ମନ୍ଦିର୍‌କେ ଆରୁ ଆମର୍ ଜାଏତ୍‌କେ ଧୂଏନ୍‌ସ୍ କରିଦେବେ ।
ତମର୍ କାଣା ଟିକେ ବି ସାଧାରଣ୍ ଜ୍ଞାନ୍ ନାଇଁ ନ ? ସବୁଯାକର୍ ଦେଶ୍ ଧୂଏନସ୍ ପାଏବାର୍‌ନୁ ଗୁଟେ ଜାଏତ୍ ଲାଗି ଝନେ ଲୋକ୍‌ଟେ ମର୍‌ବାଟା ପଛେ ଭଲ୍ ଆଏ ।
ସେଥିର୍‌ଲାଗି ଯୀଶୁ ମର୍‌ବାର୍ କଥା ।
ସେ ସମିଆଠାନୁ ଯିହୁଦୀନେତାମାନେ ଯୀଶୁକୁଁ ରୋମୀୟମାନକର୍ ହାତେ ଧରେଇ ଦେବାର୍ ଲାଗି ଉଖି ଖୁଜ୍‌ଲେ । ସେମାନେ ହିଁ ଖାଲି ମରନ୍‌ଶାସ୍‌ତି ଦେଇପାର୍‌ବେ ।

ଯେତେବେଲ୍‌କେ ଯୀଶୁ ବେଥାନୀନ ଥିଲେ.......
ମରିୟମ୍ !
ଇଟା ତ ମହକିବାର୍ ତେଲ୍ ଆଏ ଇଟା ବହୁତ୍ ଦାମ୍‌ର ଜିନିଷ୍ ଆଏ ।
ଇଟାକେ ବିକିକରି ଟଁକାସବୁ ଗରିବ୍‌ମାନ୍‌କେଁ ଦେଇଥିଲେଁ ପଛେ ବନେ ହେଇଥିତା ।
ତାହାକେ କର୍‌ବାକେ ଛାଡିଦିଅ ଯିହୁଦା ସମାଧିର୍ ଲାଗି ସେ ମୋର୍ ଦେହେକେ ତିୟାର୍ କରୁଛେ ।

ନିସ୍ତାର୍‌ପରବର୍ ଭୋଜ୍ ପାଶ୍‌କେ ଆସୁଥାଏ । ଯିରୁଶାଲମ୍‌ନେ ଲୋକ୍ ଗହଲ୍ ବଢୁଥାଏ ।

ଯିରୁଶାଲମ୍‌ନେ ନେତାମାନେ ଗିରଫ୍
କର୍‌ବାକେ ଯୁଜ୍‌ନା କରୁଥାଁତ୍ ତାର୍‌ପରେ
ବି ସେ ସେନର୍, ସହର୍‌କେ ଗଲେ ।

ଲୋକ୍‌ମାନେ ଖୁସିନେ ତାକଁର୍ ସ୍ୱାଗତ୍ କରୁଛନ୍ ।
ଜଲ୍‌ଦି ।
ଜଲ୍‌ଦି କର ।
ପରଭୁକଁର୍ ନାମେ ଯେ ଆସୁଛନ୍ ସେ ଧଏନ୍ ।
ଇଶ୍ରାୟେଲର ରଜା ।
ହୋଶାନ୍ନା ହୋଶାନ୍ନା
ଦାଉଦ ସନ୍ତାନ ହୋଶାନ୍ନା
ଆମର୍ ପଛେ କିହେ ନାଇଁନ ।
ସାରା ସଂସାର୍‌ଟା ତାର୍ ପଛେ ଗଲେନ ।

ରାଜଧାନୀ ସହର୍‌ରେ ଥିବା ମନ୍ଦିର୍‌ଟା
ଉପାସନା କର୍‌ବାର୍ ମୂଳ୍ ଜାଗା ଥିଲା ।
ନିସ୍ତାର୍‌ପରବ୍ ସମିଆନ ମେଣ୍ଢାଁମାନ୍‌କେଁ
ବଲି ଦିଆଯାଉଥିଲା ।
ଈଶ୍ୱରକଁର୍ ସାଂଗେ ମୁନୁଷର୍ ଆରୁଘାଏ
ମିଲ୍‌ବାର୍ ଲାଗି ମନ୍ଦିର୍‌ରେ ମେଣ୍ଢାଁମାନ୍‌କେଁ
ବଳି ଦିଆହେଉଥିଲା ।
ମାତର୍‌କ ଯେନ୍‌ତା ବଲିହେଉ ମେଣ୍ଢାଁ
କାଣା ସଥେଁ ଲୋକ୍‌ମାନ୍‌କୁଁ
ସେମାନ୍‌କଁର୍ ପାପ୍‌ନୁ ମୁକ୍‌ଲାବା ?
ମନ୍ଦିରର୍ ରଜାର୍ କାମ୍‌କରୁମାନେ ବେପାର୍‌କର୍‌ବାର୍‌ନ ମାତିରହିଛନ୍ ।
ଯୀଶୁ ଭି ସେଠାନେ ଅଛନ୍ ।

ଈଶ୍ୱରଙ୍କର୍ ଘର୍ ଗୁହାରୀ ଜନାବାର୍ ଘର ଆଏ, ମାତର୍କ ତୁମେମାନେ ତାହାକେ ଚୋରମାନ୍‌ଙ୍କର୍ ଘର ବନେଇଛ ।
ସେ ବହୁତ୍ ଡର୍‌ଡର୍‌ନା ଆଏ । ଲୋକ୍‌ମାନେ ତାର୍ ସବୁ କଥାକେ ମାନୁଛନ୍ ।
ଆମେ ଜେତ୍‌କି ଜଲ୍‌ଦି ପାର୍‌ମା ତାହାକେ ହଟେ ଦେବାର୍‌ଟା ଭଲ୍ ।

ଯଦର୍‌ବି ଆମେ କିଛି ଉପେ କର୍‌ମା ବଏଁଲେ ତାହାକେ ଧରିପାର୍‌ମା ଆରୁ ତାର୍‌ପରେ ତାହାକେ ମାରିପାର୍‌ମା ।
ମାତର୍‌କ ପରବ୍‌ ସମିଆନ ନୁହେଁ ସେ । ନିସ୍ତାରପରବ୍‌ ସମିଆନ କେନ୍‌ସି ଝମେଲା ହେଉ ବୋଲି ଆମେ ନାଇଁ ଚାହେଁବାର୍‌ ।
ତାର୍‌ ଲାଗି ଆପଣ୍‌ମାନେ ମତେ କେତେ ଟଁକା ଦେବେ ?
ଇଟା ଯିହୁଦା, ତାକର୍‌ ଚେଲାମାନ୍‌କଁର୍‌ ଭିତ୍‌ରୁ ଝନେ ।
ମୁଇଁ ଯୀଶୁକୁଁ ଆପନ୍‌ମାନ୍‌କଁର୍‌ ହାତେ ଧରେଇନେମି ।
ଯୀଶୁକଁର୍‌ ଲାଗି ଆମେ ତତେ ତିରିଶ୍‌ଟା ରୁପାର୍‌ ଟଁକା ଦେମୁଁ, ଯେନ୍‌ଟା କି ଗୁଟେ ଚାକରର୍‌ ଦାମ୍‌ ଆଏ ।

ଯଦର୍‌ବି ଯୀଶୁଙ୍କୁଁ ଧରମ୍‌ନେତାମାନେ ବାଧା ଦେବାର୍ ଲାଗି ସବୁ ପରକାର୍ ଚେଷ୍ଟା ଚଲେଇଥିଲେ ତଥାପି ଭି ଯୀଶୁ ନିସ୍ତରପରବ୍ ଭୋଜର୍ ଆଘ୍‌ରୁ ମନ୍ଦିର୍‌ନେ ଲୋକ୍‌ମାନ୍‌କୁଁ ଶିକ୍ଷା ଦେଉଥିଲେ ।
ସେ ବେଲ୍‌ବୁଡାନେ ଯୀଶୁ ଆରୁ ତାକଁର୍ ୧୨ ଝନ୍ ଚେଲା ନିସ୍ତାର୍‌ପରବ୍ ଭୋଜ୍‌ନେ ଏକ୍‌ଜୁଟ୍ ହେଇଥିଲେ ।
ଆଏଜ୍ ରାତିନେ ମୁଇଁ ହେଟା କର୍‌ମି ।


ମୋର୍ ଦୁଃଖଭୋଗ୍ କର୍‌ବାର୍ ଆଘରୁ ତୁମର୍‌ମାନ୍‌କଁର୍ ସାଂଗେ ଇ ନିସ୍ତାର୍‌ପରବ୍‌ର ଭୋଜ୍ ପାଲନ୍ କର୍‌ବାକେ ମୁଇଁ ମନ୍ କରିଥିଲି ।
ପଦବୀନେ ଥିବାର୍ କାମ୍‌କରୁମାନେ ଦୁସ୍‌ରାମାନ୍‌କେଁ ସେମାନ୍‌କଁର୍ ଚାକର୍ କର୍‌ସନ୍, ମାତର୍‌କ ତୁମର୍‌ମାନ୍‌କଁର୍ ଭିତ୍‌ରୁ ସେନ୍‌ତା ନାଇଁ ହୁଏ ।
ଯିଏ ନେତା ହେବାର୍‌କେ ଚାହୁଁଛେ, ସେ ସମ୍‌କିରିର୍ ଚାକର୍ ହଉ ।
ତୁମର୍‌ମାନ୍‌କର୍ ଭିତ୍‌ରେ ମୁଇଁ ଝନେ ଚାକର୍ ମିତାର୍ ରହିଛେଁ ।

ପର୍‌ଭୁ, ଆପଣ୍ କାଣା ଗୁଟେ ଚାକର୍ ମିତାର୍ ମୋର୍ ପାହା ଧୁଇଦେବାର୍‌କେ ଯଉଛନ୍ ? ନାଇଁ । କେଭେ ବି ନାଇଁ ।
ମୁଇଁ ଯଦର୍‌ବି ତୁମର୍ ପାଦ୍ ନାଇଁ ଧୁଏଁ, ବଏଁଲେ ମୋର୍ ସାଂଗେ ତୁମର୍ କିଛୁ ଭାଗ୍ ନାଇଁନ ।
ପର୍‌ଭୁ, ବଏଁଲେ ମୋର୍ ହାତ୍ ଆରୁ ମୁଡ୍ ଭି ଧୁଇଦିଅ ।
ଯିଏ ଗାଧି ସାରିଛେ, ତାର୍ ଖାଲି ପାହା ଧୁଇବାର୍ ଅଛେ ।
ତୁମେମାନେ ମତେ ଗୁରୁ ଆରୁ ପର୍‌ଭୁ ବୋଲି ଡାକୁଛ, ଇଟା ଠିକ୍ କଥା । ମୁଇଁ ଯେନ୍‌ତା ତୁମର୍‌ମାନ୍‌କଁର୍ ପାହା ଧୁଇଦେଇଛେଁ, ତୁମେମାନେ ବି ସେନ୍‌ତା ନିଜର୍ ନିଜର୍ ଭିତ୍‌ରେ ପାହା ଧୁଇବାର୍ କଥା ।
ତୁମର୍ ଭିତ୍‌ରୁ ଝନେ ମୋର୍ ଲାଗି ବିଶ୍‌ପାସ୍‌ଘାତ୍ କର୍‌ବା ।
ମୁଇଁ କେଭେଁ ନାଇଁ ହେଇଥିମି ?
କେଭେଁ ନୁହେଁ ସେ ।
ଯିହୁଦା, ତୁମେ ଯେନ୍‌ଟା କର୍‌ବାକେ ଯଉଛ, ଜଲ୍‌ଦି କର ।

ମତେ ମନେ ପକାବାର୍ ଲାଗି ଇଟା କର ।
ଇ ରୁଟି ଖଅ, ଇଟା ମୋର୍ ଦିହି ଆଏ ।
ଯ ପିଆଲାନ୍ନୁଁ ପିଅ । ଇଟା ମୋର୍ ରକତ୍ ଆଏ ଯେନ୍ଟା ତୁମ୍ମାନ୍କଁର୍ ଲାଗି ଢଲାହେଉଛେ ଏନ୍ତା ଭାବେ ଈଶ୍ୱର୍ ତୁମର୍ମାନ୍କଁର୍ ସାଂଗେ ଗୁଟେ ନୁଆଁ ଚୁକ୍ତି କରିଛନ୍ ।
ମୁଇଁ ତୁମ୍କେମାନ୍କେଁ ଗୁଟେ ନୁଆଁ ଆଜ୍ଞା ଦେଉଛେଁ, ମୁଇଁ ଯେନ୍ତା ତୁମ୍କେମାନ୍କେଁ ପ୍ରେମ୍କରିଛେଁ ତୁମେମାନେ ବି ସେନ୍ତା ଝନେ ଆର୍ ଝନେକେ ପ୍ରେମ୍ କର ।
ଯଦର୍ବି ତୁମର୍ମାନ୍କର୍ ଭିତ୍ରେଁ ପ୍ରେମ୍ଥିବା, ବଏଁଲେ ସଭେ ଜାନ୍ବ ଯେ ତୁମେମାନେ ମୋର୍ ଚେଲା ଅ ।
ପର୍ଭୁ ଆପଣ୍ ଯେନ୍ଠାନ୍କେ ଯିବେ, ମୁଇଁ ଆପଣ୍କେର୍ ପଛେଁ ଯିମି । ମୁଇଁ ଆପଣ୍କେର୍ ଲାଗି ମୋର୍ ଜୀବନ୍କେ ଭି ଦେଇଦେମି ।
ପିତର୍, କୁକୁରା ଗଗାବାର୍ ସମିଆନ ତମେ ମତେ ତିନ୍ଥର୍ ନାଇଁ ଜାନି ବଲି କହେବ ।

ସେ ଦିନର୍ ବେଲ୍ ବୁଡ୍‌ଲା ପରେ ଯୀଶୁ ଆରୁ ତାକଁର୍ ଚେଲାମାନେ ସେ ଅଁଚଲ୍‌କେ ଛାଡ୍‌ଲେ ଯିହୁଦା ସେମାନ୍‌କଁର୍ ସାଂଗେ ନାଇଁ ଥାଇଁ ।
ମୁଇଁ ତମ୍‌କେମାନ୍‌କେଁ ଛାଡି ଯଉଛେଁ, ମାତର୍‌କ ବାପା ତମର୍‌ମାନ୍‌କର୍ ପାଶ୍‌କେ ପବିତର୍ ଆତ୍ମାକେ ପଠାବେ । ସେ ତମ୍‌ର୍‌ମାନ୍‌କର୍ ସାଂଗେ ରହେବେ ଆରୁ ତମ୍‌କେମାନ୍‌କେ ସାହେଜ୍ କର୍‌ବେ ।
ମୁଇଁ ଯେନ୍ ଜାଗାକେ ଯଉଛେଁ ତାର୍ ବାଟ୍ ତୁମେମାନେ ଜାନିଛ ।
ମୁଇଁ ବାଟ୍, ସତ୍ ଆରୁ ଜୀବନ୍ ଆଏଁ ମୋର୍ ବାଟେ ନାଇଁଗଲେଁ ବାପାକଁର୍ ପାଶ୍‌କେ ଯାଇ ନାଇଁ ପାର ।
ତୁମେମାନେ ଇଠାନେ ଥଅ । ମୁଇଁ ଖଁଡେଧୁର୍ ପାର୍‌ଥନା କର୍‌ବାକେ ଯଉଛେଁ ।
ବାପା ଯଦର୍‌ବି ସମ୍ଭବ୍ ହେବା, ବଏଁଲେ ଇ ଦୁଖ୍ ମୋର୍ ପାଖୁ ଦୂର୍ କର ।
ତଥାପି ମୋର୍ ଇଚ୍ଛା ନୁହେଁ ସେ ତୁମର୍ ଇଚ୍ଛା ସଫଲ୍ ହେଉ ।

ତୁମେମାନେ କେନ୍ତାକରି ଗୁଟେ ସମିଆନ ଏନ୍ତା ଶୁଇ ପଡ଼୍ଲ ?
ଉଠ ! ଯିଏ ମତେ ବିଶ୍ୱାସ୍‌ଘାତ୍ କର୍‌ବା ସେ ଇଠାନେ ।
ମୁଇଁ ଯାହାକେ ଚୁମା ଦେମି,
ତାହାକେ ଧରିନେବ ।
ହେ ଗୁରୁ !
ଯିହୁଦା, ତୁମେ କାଣା ଚୁମା ଦେଇକରି
ମସୀହକଁର୍ ଲାଗି ବିଶ୍ୱାସ୍‌ଘାତ୍ କରୁଛ ?
ପରଭୁ ଆମେ କାଣା ମାଡ୍ ଲାଗ୍‌ମା କାଏଁ ?
ନାଇଁ
ସେମାନେ ଯୀଶୁକୁଁ ଧରିକରି ନେଇଗଲେ ।
ତାକଁର୍ ଚେଲାମାନେ ତାହାକୁଁ ଛାଡିକରି ପଲାଲେ ।

ଯୀଶୁଙ୍କୁ ଯିହୁଦୀମାନ୍‌କର୍ ନେତା ମାହାଯାଜକଙ୍କର୍ ପାଶ୍‌କେ ନିଆ ହେଲା ।
ପିତର୍ ଆରୁ ଯୋହନ କିଛୁ ଦୁର୍‌ନୁ ସେମାନ୍‌କର୍ ପଛେଁ ପଛେଁ ଗଲେ ।
ପିତର୍ ରଜାର୍ ଘର୍ ଭିତର୍‌କେ ଯଉଛନ୍ ।
ତମେ କାଣା ତାଁକର୍ ସାଂଗେ ନେଇଁ ଥାଇଁ ?
ନାଇଁ ! ମୁଇଁ ସେ ଲୋକ୍‌କେ ନାଇଁ ଜାନି ।
ତମେ କାଣା ସେମାନ୍‌କର୍ ଭିତ୍‌ରୁ ଝନେ ନୁହେଁ ସେ ?
ମୁଟେ ନୁହେସେ ।
ମୁଇଁ ଅଏନ୍ ଭାବେ ଜାନିଛେଁ ଯେ ତମେ ସେଠାନେ ଥିଲ । କାରଣ୍ ତମେ ଜଣେ ଗାଲିଲୀୟ ।
ତମେ କାହାର୍ ବିଷେଥି କାଣା କହୁଛ, ମୁଇଁ କିଛୁ ନାଇଁ ଜାନି ।

କକରେ କ
କିଛି ସମିଆଁ ଉତାରୁ ....
କୁହ, ଭାବିକରି ଆମ୍‌କେ କହ,
କିଏ ତତେ ମାର୍‌ଲା ?
ସକାଲ୍‌ପୁଆନେ ଯୀଶୁକୁଁ ଯିହୁଦୀନେତାମାନ୍‌କର୍ ମହାସଭାକେ ନିଆଗଲା ।
ତୁମେ କାଣା ଈଶ୍ୱରକଁର୍ ପୁଓ ?
ତୁମେମାନେ ଇଟା ଠିକ୍ କହିଛ
ଈଶ୍ୱର୍ ନିନ୍ଦା ! ସେ ମର୍‌ବାର୍ ଲାଏଖ୍ !
ତାହାକେ ରୋମୀୟ୍‌ମାନ୍‌କର୍ ହାତେ ଛାଡିଦିଅ ।


ଯୀଶୁକୁଁ ରୋମୀୟ୍ ରାଏଜର୍ ମୁଖିଆ ପିଲାତକଁର୍ ପାଶ୍‌କେ ଆନ୍‌ଲେ । ଯିହୁଦୀନେତାମାନେ କିର୍‌ଲେଇଗଗେଇକରି ତାଁକର୍ ବିରୁଧେଁ ଅଭିଯୋଗ୍‌ମାନେ ଆନ୍‌ଲେ ।
ଇ ସବୁ ଅଭିଯୋଗ୍ ବିଷେଥି ତୁମେ କାଣା କହୁଛ ? କିଛୁ ନାଇଁ
ତୁମେ କାଣା କରିଛ ?
ମୁଇଁ ସତ୍‌କେ ପରମାଣ୍ କରବାର୍ ଲାଗି ଇ ସଂସାର୍‌କେ ଆସିଛେଁ ।
ସତ୍ କାଣା ?
ମୁଇଁ ଇତାର୍‌ଠାନେ କେନ୍‌ସି ଦୋଷ୍ ନାଇଁ ପାଏବାର୍ । ନିସ୍ତାର୍‌ପରବ୍‌ର ଭୋଜର ସମିଆନ ମୁଇଁ କାହାକେ ମୁକ୍‌ଲାମି । ବରବ୍‌ବାକେ କି ଯିହୁଦୀମାନ୍‌କର୍ ରଜାକେ ?

ବାରବ୍‌ବା !
ବାରବ୍‌ବା !
ମାତରକ ଯୀଶୁକଁର୍ ଲାଗି ମୁଇଁ କାଣା କରମି ?
ତାହାକେ କ୍ରୁଶଥି ଚଢଅ ।
ସେ ନିଜ୍‌କେ ଜଣେ ରଜା ବୋଲି ଭାବୁଛେ ।
ଯଦରବି ଆପଣ ଛାଡିଦେବେ, ବଏଁଲେ ଆପଣ୍ କାଇସରଙ୍କ ସାଂଗ୍ ନୁହେଁ ସେ ।
ତାକଁର୍ ବଦ୍‌ଲା ତୁମେ ମୁକୁଲିପାର ।
ବାରବ୍‌ବା ମୁକୁଲିଲା । ସେ ମୁନୁଷ୍‌ମରା ଦୋଷ୍‌ନେ ଦୋଷୀ ହେଇଥିଲା ।
୩୭....., ୩୮ ....., ୩୯ ..... ।
ଇତାର୍ ରକ୍ତପାତ୍‌ନେ ମୁଇଁ ଦୋଷୀ ନୁହେଁ ସେ ।
ହେ, ଯୀହୁଦୀମାନ୍‌କଁର୍ ରଜା ।


ଇ ଲୋକ୍‌କେ ଦେଖା ।
ତାହାକେ କୁଶଥି ଚଢଅ ।
ତାହାକେ କୁଶଥି ଚଢଅ ।
ତାହାକେ କୁଶଥି ଚଢଅ ।
ପିଲାତ ସେ ମରନ୍ ଶାସ୍‌ତିର୍ ଲେଖାଥି ଦଶ୍‌କତ୍ କଲେ । କୁଶେ ଚଢ଼େଇଁକରି ମାର୍‌ବାର୍ ଥିଲା ଗୁଟେ ବିକୃତ୍ ଶାସ୍‌ତି । ଯୀଶୁ କୁଶ କାଠ୍‌କେ ବହୁତ୍ କଷ୍ଟେ ବୁହି ବୁହି ଯୀରୁଶାଲମର୍ ରାସ୍ତାନେ ଗଲେ ।
ନଗରର୍ ବାହାରେ ଇ ଜାଗାଟା ଥିଲା । ଇ ଜାଗାକେ ଗଲ୍‌ଗଥା ବା ଖପୁରୀସ୍ଥାନ ବୋଲି କୁହାଯାଏସି ।
ଇଠାନେ ସେନାମାନେ ଯୀଶୁକୁଁ କୁଶଥି ଚଢାଲେ ।

ଠିକ୍ ସେ ସମିଆନେ ଯିହୁଦା ତା'ର୍ କାମର୍ ଲାଗି କେତ୍‌ନିକେତେ ଅନୁତାପ୍ କଲା ।
ମୁଇଁ ଭୁଲ୍ କରିଛେଁ ।
ମୁଇଁ ନିର୍‌ଦୋଷ୍ ରକତ୍ ବିରୁଦ୍ଧେ ବିଶ୍‌ପାସ୍‌ଘାତ୍ କାମ୍ କରିଛେଁ ।
ଆମର୍ ସେଥିର୍ କାଣା ଅଛେ ? ଇଟା ତୋର୍ ସମସ୍ୟା ।
ଯୀଶୁକୁଁ ଦୁଇଝନ୍ ଅପରାଧିକଁର୍ ମଝିନେ କ୍ରୁଶେ ଚଢ଼ାଲେ ।
ବାପା, ଇମାନ୍‌କେ ମାପ୍‌କର, କାରଣ୍ ଇମାନେ କାଣା କରୁଛନ୍ ସେଟା ନାଇଁ ଜାନିପାର୍‌ବାର୍ ।

ସେମାନ୍‌କର୍ ଭାଷାନ ଖୁଦିକରି ଗୁଟେ ଲେଖାଟେ କୁଶଥି ଲଗାଲେ । ସେନୁ ଲେଖା ହେଇଥିଲା "ଯୀଶୁ ଯିହୁଦୀମାନ୍‌କର୍ ରଜା" ।
YESVS NAZARENVS REX IVDAEORVM
ଯୀଶୁ ପିତା ମିଶା ହେଇଥିବା ପାଏନ୍ ପିଇବାର୍‌କେ ମନା କଲେ ।
ସେନାମାନେ ତାଁକର୍ କପଡାର୍ ଲାଗି ବୋଲି ପକାଲେ ।
ହଁ ! ସେ କାଣା ଅଲଗାମାନ୍‌କେ ରକ୍ଷା ନାଇଁ କରିଥେଇଁ ?
ତୁଇ ଯଦର୍‌ବି ଇଶ୍ୱରକଁର୍ ପୁଓ, ବଏଁଲେ କୁଶନୁ ଉତ୍‌ରିଁଆ ।
ନିଜ୍‌କେ ଆରୁ ଆମ୍‌କୁମାନ୍‌କୁଁ ବଁଚା ।
ଇଶ୍ୱରକୁଁ ଟିକେ ଆଦର୍ ଦେ । ଆମେ ତ ଆମର୍ ଦୋଷର୍ ଲାଗି ଶାସ୍‌ତି ଭୁଗୁଛୁଁ । ମାତର୍‌କ ଇ ଲୋକ୍ କେନ୍‌ସି ଦୋଷ୍ ନାଇଁ କରି ।
ଆପଣ୍ ନିଜର୍ ରାଏଜ୍ ନିକେ ଗଲେ ମତେ ଟିକେ ମନେ ପକାବେ ।
ମୁଇଁ ତୁମ୍‌କୁ କଥା ଦଉଛେଁ, ତୁମେ ଆଏଜ୍ ମୋର୍ ସାଂଗେ ପାରଦୀଶ୍‌ନ ପହଁଚିବ ।

ଦିନର୍ ୧୨ଟା ସମିଆନ ସୁରଜନେ
କେନ୍‌ସି ଉକିଆ ନାଇଁ ରହେଲା ।
ସବୁକିଛୁ ଅନ୍ଧାର୍ ହେଇଗଲା ।
ଯୀଶୁକଁର୍ ମାଁ ମରିୟମ୍ ଆରୁ ତାଁକର୍ ଚେଲା
ଯୋହନ୍ କ୍ରୁଶ୍ ପାଖେ ଠିଆ ହେଇଛନ୍ ।
ଇହାଛିନ୍ ଇଟା ତୁମର ମାଁ
ଆରୁ ଇଟା ତୁମର ପୁଓ ।
ହେ ମୋର୍ ଈଶ୍ୱର୍, ହେ ମୋର୍ ଈଶ୍ୱର୍
କାଏଁ ହେଲାଯେ ମତେ ଛାଡି ଦେଇଛ ?
ମୋତେ ଶୋଷ୍ ଲାଗୁଛେ ।
ବାପା ତୁମର୍ ହାତେ ମୋର୍
ଆତ୍ମା କେ ସପିଁ ଦେଉଛେଁ ।
ସବୁ ସରିଗଲା ।

ଦିପହରର୍ ତିନ୍‌ବଜେ ସମିଆନ ଯୀଶୁ ମଲେ । ଗୁଟେ ସେନା ବରଛାଥୁଁ ତାଁକର୍ ପେଟେଁ ଭୁଷ୍‌ଲା । ସେ ଜାଗାନୁ ପାଏନ୍ ଆରୁ ରକତ୍ ବୁହିଲା ।
ଶାସତରନ ଏନ୍‌ତା ଲେଖା ହେଇଛେ : ସେ ଚୁପ୍‌ଚାପ୍ ଥିବାର୍ ମେଢି ମେଡାର୍ ଲୋମ୍‌ଛେଦୁମାନ୍‌କର୍ ସାମ୍‌ନାନ ପଡି ରହେଲେ ।
"ସେ ଆମର୍ ଅଧରମ ଲାଗି ଖଡିଁଆ ଖବରା ହେଲେ ଆରୁ ଆମର୍ ଦୋଷର୍ ଲାଗି ଖଣ୍ ଖଣ୍ ହେଲେ ମାତର୍‌କ ଇହାଦେ ସେ ମରିଛନ୍ ।
ଯାହାକଁର୍ ଆଏବାର୍ ଥିଲା, ସେ କାଣା ସେ ମଶୀହ ଥିଲେ କାଏଁ ?କି ନାଇଁ ?
ଆସ, ଆମେ ତାହାକେଁ କବର୍ ଦେଇ ପାର୍‌ମା କି ନାଇଁ ପଚ୍‌ରାମା ।
ଅରୀମଥୀୟାର ଯୋଷେଫଂ ଆରୁ ନୀକଦୀମ ଯୀଶୁକଁର୍ ମଲା ଦେହେକେ ନେଇଗଲେ । ସେମାନେ ତାକଁର୍ ଦେହେନେ ବାସ୍‌ନା ଜିନିଷ୍ ସବୁ ଲଗେଇକରି ସୂତା କପ୍‌ଡାନ ଗୁରେଇ ଦେଲେ ଆରୁ ତାକୁଁ ସମାଧିନ ରଖିଲେ ଆରୁ ସମାଧିର୍ ମୁହୁଁନେ ଗୁଟେ ବଡ୍‌ଖା ପଖନ୍‌ଟେ ରଖିଦେଲେ ।

ବିଶ୍ରାମ୍‌ବାରର୍ ଉତାରୁ ପହଁପହଁନୁ ମାଇକେନା ଲୋକ୍‌ମାନେ ପଖନ୍‌ଥି ବନ୍ଧଥିବାର୍ ସମାଧି ପାଶ୍‌କେ ଗଲେ.....
ପଖନ୍‌ତ ଘୁଁଚି ଯେଇଛେ ।
ମଲା ଲୋକ୍‌ମାନ୍‌କର୍ ଭିତ୍‌ରେ ତୁମେମାନେ ଜିଇଁଲାଟାକେ କାଏଁ ହେଲାଯେ ଖୁଜୁଛ ? ସେ ଉଠିଛନ୍ । ଯାଅ ଆରୁ ତାଁକର୍ ଚେଲାମାନ୍‌କେ କହ ।
ପିତର୍ ଆରୁ ଯୋହନ୍ ଇକଥା ଶୁନିକରି ସମାଧିର୍ ପାଶ୍‌କେ ଦୌଡ୍‌ଲେ ।
କାଣା ହେଲା ?
ଇଟା ତ ପୁରା ଖାଲି ।


ସମାଧି ପାଖର୍ ବଗିଚାରେ ....
ହେ ନାରୀ ତମେ କାଏଁ ହେଲାଯେ କାନ୍ଦୁଛ ? କାହାକେ ଖୁଜୁଛ ?
ଆଜ୍ଞା, ଆପଣ୍ କାଣା ତାକୁଁ ନେଇ ଯାଇଛନ୍ କାଏଁ ?
ମରିୟମ୍ !
ଗୁରୁ !
ମତେ ଧରି ନାଇଁ ରଖ । ମୋର୍ ଭାଏମାନ୍‌କୁଁ ଯାଇକରି କହ ଯେ, ମୁଇଁ ମୋର୍ ଆରୁ ତୁମର୍‌ମାନ୍‌କର୍ ବାପା ଆରୁ ମୋର୍ ଆରୁ ତୁମର୍‌ମାନ୍‌କର୍ ଈଶ୍ୱରକଁର୍ ପାଶ୍‌କେ ଯଉଛେଁ ।


ସେଦିନେ ଦୁଖେ ନିରାଶ୍ ହେଇକରି ପଡିଥିବାର୍ ଯୀଶୁକଁର୍ ଦୁଇଟା ଚେଲା ଯୀଶୁକଁର୍ ମର୍ବାର୍ ବିଷେଥି କଥା ହେଇକରି ଯଉଥିବାର୍ ସମିଆନ ହଠାତ୍ ବାଟେ ଚାଲୁଥିବାର୍ ଗୁଟେ ଲୋକ୍‌ଟେକେ ଭେଟ୍‌ଲେ ।
ଆଗତ୍‌କଥାକହୁମାନ୍‌କୁଁ ତୁମେମାନେ କାଣା ବିଶ୍‌ପାସ୍ ନାଇଁ କର ? ଇ ଦୁଖକଷ୍ଟ ସହିକରି ନିଜର୍ ଗଉରବ୍ ନ ପଶ୍‌ବାର୍ କାଣା ମସୀହକଁର୍ ଉଚିତ୍ ନାଇଁ ଥେଇଁ । ଇଟା ସବୁପରେ ଧରମ୍‌ଶାସ୍‌ତରଥି ଲେଖାଅଛେ ।
ହଠାତ୍ ଦିନେ ଖାଏବାର୍ ସମିଆନ କୁନୁଆଁ କେନ୍‌ଆଡେ ଉଭେଇ ଗଲେ ....
ମାତର୍‌କ ସେ ଝନ୍‌କ ନିଜେ ଯୀଶୁ ଥିଲେ ।
ସେମାନେ ସାଂଗେ ସାଂଗେ ଯୀଶୁକଁର୍ ବାକି ଚେଲାମାନ୍‌କୁଁ ଖୁଜ୍‌ବାର୍‌କେ ବାହାର୍‌ଲେ ।
ମରିୟମ୍ ଆରୁ ପିତର୍ ଭି ଦେଖିଛନ୍ ।
ଆମେମାନେ ପର୍‌ଭୁକୁଁ ଦେଖିଛୁଁ ।
ହଠାତ୍ ....
ତୁମର୍‌ମାନ୍‌କର୍ ଶାନ୍ତି ହେଉ ।
ତୁମେମାନେ କା୍‌ଣା ବିଶ୍‌ପାସ୍ ନାଇଁ କର୍‌ବାର୍ ? ମୋର୍ ହାତ୍ ଆରୁ ପାହାଁକେ ଦେଖ ।
ମୋର୍ ପର୍‌ଭୁ ମୋର୍ ଇଶ୍ୱର୍ ।

ଯୀଶୁ ତାକଁର୍ ଚେଲାମାନ୍‌କୁ ୪୦ ଦିନ୍‌ତକ୍ ଏନ୍‌ତା କି ସେ ଏକାଥର୍‌କେ ୫୦୦ ଲୋକ୍‌କୁଁ ଦେଖାଦେଲେ । ଦିନେ ତାକଁର୍ କେତେଟା ପଠେଇଥିବା ଚେଲା ଗାଲିଲୀର୍ ହ୍ରଦନେ ଝୁରି ଧରୁଥିଲେ.......
ତୁମର୍‌ମାନ୍‌କର୍ ପାଖେ କିଛୁ ଖାଏବାର୍‌ଟା ଅଛେ କାଏଁ ।
ନାଇଁ, ଆମେମାନେ କିଛୁ ଭି ନାଇଁ ଧରି ।
ଆର ଫାଲେ ତୁମର୍ ଜାଲ୍‌କେ ପକଅ ।
ଆଶିରିଜ୍ କେତ୍‌ନି ଝୁରି ।
ଇଟା'ତ ନିଶ୍ଚେ ପରଭୁ ।
ଗୁରୁ
ତମେ କାଣା ଆସିକରି ମୋର୍ ସଂଗେ ଖାଏବ ?


ପିତର, ତମେ କାଁଣା ମତେ ସତେ ପ୍ରେମ୍ କର୍ସ ?
ଯୀଶୁ ପିତର୍କେ ଇ ପର୍ଶନ୍ ତିନ୍ଥର୍ ପଚ୍ରାଲେ...
ହଁ ପର୍ଭୁ ତୁମେ, ଜାନିଛ ଯେ ମୁଁଇ ତୁମ୍କୁ ପ୍ରେମ୍ କର୍ସିଁ ।
ମୋର୍ ମେଢ଼ିମାନ୍କର୍ ଯତନ୍ ନିଅ ।
ମୋର୍ ପଛେ ଆସ ।
ସରଗ୍ ଆରୁ ପୁର୍ଥିର୍ ସବୁ ଶକ୍ତି ମୁଇଁ ପାଇଛେଁ । ସଂସାର୍ ନ ଥିବାର୍ ସବୁ ଜାଏତର ଲୋକକଁର୍ ପାଶ୍କେ ଯଅ ଆରୁ ବାପା, ପୁଓ ଆରୁ ପବିତର୍ ଆତ୍ମାକଁର୍ ନାମେ ଡୁବନ୍ ଦେଇକରି ସେମାନ୍କୁଁ ଚେ଼ଲାକର ଆରୁ ମୁଇଁ ତୁମ୍କେମାନ୍କେ ଯେନ୍ଟା ସବୁ କହିଛେଁ, ସେଟା ସବୁ ପାଲନ୍ କର୍ବାର୍କେ ସେମାନ୍କେଁ ଶିଖ ।
ମନେରଖ, ମୁଇଁ ସବୁବେଲେ ଆରୁ ଇ ଯୁଗର୍ ଶେଷ୍ଯାଏକ୍ ତୁମ୍ମାନ୍କର୍ ସାଂଗେ ସାଂଗେ ରହିଛେଁ ।
ଇ କଥା କହିସାର୍ଲା ଉତାରୁ ଯୀଶୁ ଇ ଦୁନିଆଁ ଛାଡିକରି ସରଗ୍କେ ପଲାଲେ । ମାତର୍କ ସେ ଆର୍ଘାଏ ସବୁ ଲୋକର୍ ବିଚାର୍ କର୍ବାକେ ଆସ୍ବେ ବୋଲି କହିକରିଗଲେ ।

ଚେ଼ଲାମାନେ ଯିରୁଶାଲମ୍‌ନେ ପାର୍‌ଥନା ଥି ଜଗି ରହି ପବିତର୍ ଆତ୍‌ମାଥି ପୁର୍‌ତୁନ୍ ହେଲେ । ଯେନ୍ ଆତ୍‌ମା ଯୀଶୁକଁର୍ ସାଂଗେ ଥିଲେ, ସେ ଚେଲାମାନ୍‌କର୍ ସାଂଗେ ଭି ରହେଲେ ଆରୁ ସେମାନ୍‌କୁଁ ନୂଆଁ ଲୋକ୍ ବନାଲେ, ଯେନ୍‌ମାନେ କି ଶକ୍ତିଯୁକ୍ତ ଭାବେ ଯୀଶୁକଁର୍ ସାଖୀ ହେଲେ ।





ଇହାଦେ ପୁର୍‌ଥି ନ ଯୀଶୁକଁର୍ ଚେଲାମାନେ ଏକ୍‌ଜୁଟ୍ ହଇକରି ବାଇବଲ୍ ପଢୁଛନ୍ ଆରୁ ପାର୍‌ଥନା କରୁଛନ୍ । ସେମାନେ ଯୀଶୁକଁର୍ ମରନ୍‌କେ ମନେ ପକେଇକରି ଏକ୍‌ଜୁଟ୍ ହେଇକରି ରୁଟି ଭାଂଗୁଛନ୍ ଆରୁ ଦାକ୍ଷରସ୍ ପିଉଛନ୍ । ଇଟା ଈଶ୍ୱରକଁର୍ ଇଛା ଥିଲା, ଯେନ୍‌ତା ସେମାନେ ନିଜର୍ ନିଜର୍ ଭିତ୍‌ରେ ପ୍ରେମ୍‌ନେ ଭାଗିଦାରି ହେବେ ।


ମୁନୁଷ୍ ଲାଗି ଥିବାର୍ ଈଶ୍ୱରଙ୍କର୍ ଉଦ୍ଦେଶ୍‌କେ ଯୀଶୁ ସଫଲ୍ କଲେ ।
ଯୀଶୁ ଆମ୍‌କୁ ପ୍ରେମ୍ କରସନ୍ । ଧଏନ୍‌ବାଦୀ ହୁଅ ଆରୁ ତାଙ୍କର୍ ଆରାଧନା କର ।
କାରଣ୍ ଈଶ୍ୱର୍ ସଂସାର୍‌କେ ଏନ୍‌ତା ପ୍ରେମ୍ କଲେ ଯେ, ସେ ନିଜର୍ ଗୁଟେ ବୋଲି ପୁଓ କେ ଦେଇଦେଲେ । ଯେନ୍‌ତା ଯିଏ ଭି ହଉ ତାଙ୍କର୍‌ଠାନେ ବିଶ୍‌ପାସ୍ କର୍‌ବା, ସେ ବିନାଶ୍ ନାଇଁ ହେଇକରି ଅନନ୍ତ ଜୀବନ୍ ପାଏବା ।
WILLEM DE VINK

ବାଇବଲ୍

ଯୀଶୁକଁର୍ କଥାନୀ ବାଇବଲ୍ଥି ଲିଖାହେଇଛେ । ବାଇବଲ୍ନୁ ଅଏଦ୍କା କେନ୍ସି ବହି ଏତେ ଜହଥର୍ ନେଇଁ ପଢ଼ା ହେଇଁ । ଇଟା ସବୁ ବହିମାନ୍କର୍ ଗୁଟେ ଗ୍ରନ୍ଥ ଆଏ । ଇ ବହି ଲେଖିବାର୍କେ ୧୫୦୦ ବରଷ୍ ଲାଗିଥିଲା । ୧୯୦୦ ବରଷ୍ ଆଘୋନୁଁ ବାଇବଲ୍ ପୁରା ହେଲା । ଇ ବହିଥି ସବୁ ପର୍କାର୍ କଥା ଅଛେ । ପର୍ମେଶର୍ ମୁନୁଷର୍ ଜୀବନ୍ଥି କେନ୍ତାଭାବେ କାମ୍ କର୍ସନ୍ । ପର୍ମେଶର୍ କିଏ ଆଁତ୍ ଯେ ଯୀଶୁକଁର୍ କଥାଥିଁ ଆମେ ପୁରାପୁରି ବୁଝିପାର୍ସୁଁ ।



ଯୀଶୁକଁର୍ ଇତିହାସ୍

ବାଇବଲ୍ର ୪ଟା ବହିନୁ ଯୀଶୁକଁର୍ ଜୀବନୀର୍ ବିଷେଥି ବତେ ଦିଆଯାଇଛେ । ଯୀଶୁକଁର୍ ସମିଆଁନ ଇ ଲେଖକ୍ମାନେ ଥିଲେ । ଲେଖକକଁର୍ ନା ଯୀଶୁ ହିଁ ଦେଇଛନ୍ ।

୧-ମାଥିଉ- ଯୀଶୁକଁର୍ ଚେଲା । ଯିଏ କରଉକ୍ରଉ କାମ୍ କରୁଥିଲା । ଯୀଶୁ ଇଶ୍ରାୟେଲ୍ ଲୋକ୍ମାନ୍କର୍ ସାଂଗେ କେନ୍ତା ବେଭାର୍ କରିଛନ୍ ସେ ବିଷେ ଇ ବହିଥି ସେ ବର୍ଣ୍ଣନ୍ କରିଛନ୍ । (ଯିହୁଦୀ)

୨-ମାର୍କ- ଯୀଶୁ କରିଥିବା ଆସ୍ରିଜ୍ କାମ୍ମାନେ ଇ ବହିଥି ଲେଖା ହେଇଛେ । ଯେତେବେଲ୍କେ କାମ୍ କଲେ ସେ ସମିଆଁନ ମାର୍କ କିଶୋର୍ ଅବସ୍ଥାନ ଥିଲେ ।

୩-ଲୁକ- ସେ ଝନେ ବଇଦ୍ ଥିଲେ । ସେ ବ୍ୟକ୍ତିଗତ୍ଭାବେ ଯୀଶୁକୁଁ ନେଇଁ ଜାନି ଥାଇଁ । ଯୀଶୁ ଲୋକ୍ମାନ୍କର୍ ସାଂଗେ କେନ୍ତାକରି ଚାଲ୍ଲେ ଇ ବିଷେଥି ସେ ବର୍ଣ୍ଣନ୍ କରିଛନ୍ ।

୪-ଯୋହନ- ଯୀଶୁକଁର୍ ଗୁଟେ ପଛୁଆଲ୍ ଆଏ, ଯୀଶୁ କିଏ ଆଁତ୍ ସେ ବତେଇଛନ୍, ଯୀଶୁ ପର୍ମେଶର୍ ଆଁତ୍ । ଯିଏକି ମୁନୁଷ୍ ବନ୍ଲେ ଯେନ୍ତାକି ମୁନୁଷ୍ମାନ୍କର୍ ପାପ୍ନୁ ମୁକ୍ତି ମିଲିପାର୍ବା ।

ଯୀଶୁକଁର୍ ଜନମ୍

ଯୀଶୁକଁର୍ ମାଁ ମରିୟମର୍ ବିହା ନେଇଁ ହେଇଥେଇଁ । ଯେତେବେଲ୍‌କେ ଯୀଶୁ ଜନମ୍ ହେଲେ ସେ ଗୁଟେ କୁଆଁରୀ ଥିଲେ । ମାତର୍‌କ ଯୀଶୁକଁର୍ ଜନମ୍‌ର ଯୁଜନା ପରମେଶର୍ କରିଥିଲେ । ଇ କଥା ପହେଲାନୁଁ ବହିଥି ଲିଖାହେଇଛେ । ଯୀଶୁ କେନ୍‌ସି ମହାନ୍ ଲୋକ୍‌ମିତାର୍ କି ଅଲ୍‌ଗା ସ୍ୱରୁପ୍‌ଥି ଜନମ୍ ନେଇଁ ହେଇଁ ମାତର୍‌କ ତାକଁର୍ ଜନମ୍ ବେଲ୍‌କେ ନିଜର୍ ଘର୍ ଗୁଟେ ଭି ନେଇଁ ଥେଇଁ ।

ଯୀଶୁକଁର୍ ଆସ୍‌ରଜ୍ କାମ୍

ଯୀଶୁ ବହୁତ୍‌ଟେ ଆସ୍‌ରିକ୍ କାମ୍ କରିଛନ୍ । ବାଇବଲ୍‌ଥି ୪୦ ନୁ ଅଏଧିକା ଆସ୍‌ରିଜ୍ ଘଟ୍‌ନା ଲେଖାହେଇଛେ । ଇ ଆସ୍‌ରିଜ୍ କାମ୍‌କେ ନେଇକରି ଯୀଶୁ ପରମେଶରକଁର୍ ଶକ୍ତି ଆରୁ ପ୍ରେମର୍ ଅନୁଭବ୍‌କେ ଲୋକ୍‌କୁଁ ଦେଉଛନ୍ ସେ ଲୋକ୍‌ମାନ୍‌କୁଁ ସାହେଜ୍ କର୍‌ସନ୍ ଆରୁ ଖୁସ୍ ରଖ୍‌ସନ୍ ।

ଯୀଶୁଙ୍କଁର୍ ମରନ୍ ଆରୁ ପୁନରୁତ୍‌ଥାନ୍

ଯୀଶୁ କାଏଁ ହେଲାଯେ ମରାଗଲେ ?

ବାଇବଲ୍‌ଥି ତାର୍ ବର୍ଣ୍ଣନ୍ କରାହେଇଛେ । ସବୁ ଲୋକ୍‌ମାନେ ଯେନ୍ ଖରାପ୍ କାମ୍ କର୍‌ସନ୍ ଇଥିର୍ ଲାଗି ପର୍‌ମେଶରଙ୍କୁଁ ରଗାସନ୍ ଆରୁ ଦୁଖି କର୍‌ାସନ୍ ତାହାକେ ହିଁ ପାପ୍ କହେସନ୍ । ଇ ସବୁ ପାପର୍ ଲାଗି ମୁନୁଷ୍‌ମାନ୍‌କେଁ ପର୍‌ମେଶରର୍ ସଂଗତିନୁଁ ଦୁର୍ କରିଦେସି । ହେଥିର୍‌ଲାଗି ଯୀଶୁ ଆସ୍‌ଲେ । ଯୀଶୁ ନିଜେ ହିଁ ଆମର୍ ପାପର୍ ସଜାକେ ନିଜର୍ ଉପର୍‌କେ ନେଲେ । ସେ ସଜା ମରନ୍ ଥିଲା । ସେଥିର୍‌ଲାଗି ଯୀଶୁ ମରାଗଲେ । ଇହାଦେ ଆମେ ଫିର୍‌ଘାଏ ପର୍‌ମେଶରଙ୍କଁର୍ ସାଂଗ୍ ହେଇପାର୍‌ମା, ମାତର୍‌କ ଆମେ ଆମର୍ ଦୋଷର୍ ଲାଗି ମାଫିଁ ମାଗ୍‌ବାର୍ ଅଛେ । ଯୀଶୁ ମରନ୍‌ନୁ ଜିଇଁ ଉଠ୍‌ଲେ । ପର୍‌ମେଶର୍ ତାକୁଁ ଜୀବିତ୍ ବନାଲେ । ଏନ୍ତା ଭାବେ ଦେଖାଲେ ପର୍‌ମେଶର୍ ମରନ୍‌ନୁ ଭି ଶକ୍ତିଶାଳୀ ବଲିକରି ।

ଯୀଶୁ ଇହାଦେ ପର୍‌ମେଶରଙ୍କଁର୍ ସାଂଗେ ଅଛନ୍ । ହେଥିର୍‌ଲାଗି ସେ ଆମର୍ ସାଂଗ୍ ବନ୍‌ସନ୍ । ପର୍‌ମେଶରଙ୍କୁଁ ଖୁସି ଲାଗ୍‌ସି କି ଯେତେବେଲ୍‌କେ ଆମେ ଏନ୍‌ତା ଜୀବନ୍ ଜିଇଁବାର୍ ଲାଗି ତାଙ୍କଁର୍‌ନୁ ସାହେଜ୍ ମାଗ୍‌ସୁ ।

ପାର୍‌ଥନା

ଯଦର୍‌ବି ଆପଣ୍ ଖରାପ୍ କାମର୍‌ଲାଗି ମାଫିଁ ମାଗୁଛନ୍ ଆରୁ ପର୍‌ମେଶରଙ୍କଁର୍ ସାଙ୍ଗ୍ ବନ୍‌ବାର୍‌କେ ଚାହୁଁଛନ୍ ବଏଁଲେ ଇ ପାର୍‌ଥନା କରୁନ୍ । ପ୍ରିୟ ପର୍‌ଭୁ ତୁମେ ମତେ ପ୍ରେମ୍ କର୍‌ସ । **ତୁମେ ତୁମର ଗୁଟେ ବଲି ପୁଓ ଯେନ୍ ଯୀଶୁଙ୍କୁଁ ଦେଇଛ ଯିଏକି କ୍ରୁଶ୍** ଉପ୍‌ରେ ମଲେ । ଯେନ୍‌ଟା ଭି ଖରାପ୍ କାମ୍ ମୁଇଁ କରିଛେଁ ଦୟାକରି ମତେ ମାଫ୍ କର । ଯୀଶୁ ମୋର୍ ସାଂଗେ ଅଛନ୍ ସେଥିର୍‌ଲାଗି ଧଏନ୍‌ବାଦ୍ । ତୁମର୍ ଇଚ୍ଛାଥି ଚଲ୍‌ବାର୍ ଲାଗି ମତେ ସାହେଜ୍ କର୍‌ବ କାଏଁ ? ତୁମେ ଯେନ୍ ବଚନ୍ ଦେଇଛ ତାହାକେ ତୁମେ ପୁରା କର୍‌ସ । ମୋର୍ ପାର୍‌ଥନାର୍ ଉତ୍ତର୍ ଦେଲ ସେଥିର୍‌ଲାଗି ଧଏନ୍‌ବାଦ୍ ।

ଯୀଶୁ ଆରୁ ଆପଣ୍ମାନେ

ଯୀଶୁକଁର୍ କଥାନୀର୍ ଗୁଟେ ଅଏନ୍ ଶେଷ୍ଟେ ଅଛେ । ଯୀଶୁ ବହୁତ୍ଟେ ମହାନ୍ ଲୋକ୍ମାନ୍କର୍ ସାଂଗ୍ ହେଲେ ଇହାଦେ ଆରୁ ସେତ୍କିବେଲେ ଭି ଦୁନିଆଁ ବଦ୍ଲି ଯାଇଥିଲାନ । ବହୁତ୍ଟେ ଲୋକ୍ ଇହାଦେ ଗଧା ଉପ୍ରେ କି ଘୁଡ଼ା ଉପ୍ରେ ନେଇଁ ଯିବାର୍ନ ମାତର୍କ ସେମାନେ କାର୍ ଆରୁ ଉଡ଼ାଜାହାଜ୍ଥି ଯଉଛନ୍ । ମାତର୍କ ଯୀଶୁକଁର୍ ଉପ୍ରେ କେନ୍ସି ପ୍ରଭାବ୍ ନେଇଁ ପଡ଼୍ବାର୍ ଯେନ୍ତା ଇଶ୍ରାୟେଲ୍ନେ ଥିଲେ, ସେନ୍ତା ଆମର୍ ସାଂଗେ ଭି ଅଛନ୍ । ସେ ଉଭାନ୍ ଅଛନ୍ ତଥାପି ଭି ଖାଲି ସେ ହିଁ ସତ୍ ଆଁତ୍ । ସେ ଆପଣକଁର୍ ସାଂଗ୍ ବନ୍ବାର୍କେ ଚାହୁଁଛନ୍ । ତୁମେ ତାକୁଁ ଶୁନି ପାରୁଛ କାଏଁ ?

ଆପଣ୍ କାଣା ଯୀଶୁକଁର୍ ସାଂଗେ ଚାଲ୍ବାର୍କେ ଆରୁ ତାକଁର୍ ବିଷେଥି ଅଏଧିକା ଜାନ୍ବାର୍କେ ଚାହୁଛନ୍ ବଏଁଲେ ଆପଣ୍ ତଲେଁ ଦିଆ ହେଇଥିବା କାମ୍କେ କରୁନ୍ ।

୧- ଆପଣ ନିଜେ ବାଇବଲ ପଢୁନ୍ (ଲୁକଥି ଲେଖାହେଇଥିବାର୍ ଭାଗ୍କେ ପଢୁନ୍)

୨- ପାର୍ଥନା କରୁନ୍ (ପର୍ମେଶରକଁର୍ ସାଂଗେ କଥା ହେବାର୍ଟା ଆରୁ ତାକଁର୍ନୁ ସୁନବାର୍ଟା ଆପଣ୍କୁଁ କେନ୍ସି ବିଶେଷ୍ ଶବଦ୍କେ କହେବାର୍ ଦର୍କାର୍ ନାଇଁ)

୩- ବାଇବଲ ବିଷେଥି ଆରୁ ଯୀଶୁକଁର୍ ବିଷେଥି ଅଲ୍ଗାମାନ୍କର୍ ସାଂଗେ କଥାବାର୍ତା କରୁନ୍ । ଯୀଶୁ ଚାହୁଁଛନ୍ କି ତାକଁର୍ ଇଛାଥି ଝନେ ଅଲ୍ଗା ଝନ୍କର୍ ସାଂଗେ ମିଶିକରି ଉତ୍ସାହିତ୍ କରୁନ୍ ।

Translator Name : Ps. Bikash Ranjan Dip

Publisher: KRISTALAYA MERCY MISSION
Printed :Kristalaya Printers
Text and illustrations : Willem de vink
Copyright 1993 Stitching Wereldtaal, Houten, The Netherlands,
Published in Dutch as " JesusMessias". Edition in Sambalpuri 2021 : ISBN : 978-94-93178-70-0
Digital copyright under the terms of the Creative commons BY-SA licence.
All right of translation, reproduction and adaptation reserved for all countries.
Worldwide co-edition organized and produced by: Wycliffe Netherlands,
E-mail : jmpbnortheasts@gmail.com

ଯୀଶୁଖ୍ରୀଷ୍ଟ

ଇଟା ଗୁଟେ ଯୀଶୁ ଖ୍ରୀଷ୍ଟଙ୍କର୍ ସତ୍ କଥାନି ଆଏ । ଯେନ୍‌ଟା ୨୦୦୦ ବରଷ୍ ଆଘୋନ୍ନୁଁ ଇଶ୍ରାୟେଲ୍ ନଥିଲା । ଯିଏଭି ତାଙ୍କର୍ ସାଂଗେ ମିଶୁଥିଲା ସେ ଭାବାନାଥି ପଡ଼ିଯଉଥିଲା । ଯେନ୍‌ଟା ମାନେ ସେ କଲେ ଆରୁ କିହେଭି ସେଟା ନାଇଁ କରିପାର୍‌ଲେ । ଯେନ୍ କଥାମାନେ ସେ କହେଲେ ଆରୁ କିହେଭି ଏନ୍ତା ନେଇଁ କହିଁ । ଯେନ୍ ଜାଗାନ ଯୀଶୁଖ୍ରୀଷ୍ଟ ରହୁଥିଲେ ସେ ଜାଗାନ ଆସ୍‌ରିଜ୍ କାମ୍‌ମାନେ ହଉଥିଲା । ଯିଏଭି ତାଙ୍କର୍ କଥା ସୁନୁଥିଲା ସେ ଆନନ୍ଦ ଆରୁ ଉସତ୍‌ଥି ଭରିଯଉଥିଲା । ବଏଁଲେ ଅଚାନକ୍ ଶେଷ୍ ହେଇଗଲା ମିତାର୍ ଲାଗୁଛେ । ତାଙ୍କର୍ ବଏରୀମାନେ ଶାସ୍ତି ଦେସନ୍ । ମାତର୍‌କ ସେଟା ଶେଷ୍ ନୁହେଁ ସେ । ଆଗ୍‌କେ କାଣା ହଉଛେ ଆପଣ୍ ନିଜେ ପଢୁନ୍ ଆରୁ ଦେଖୁନ୍ କେନ୍ତାକରି ଯୀଶୁଖ୍ରୀଷ୍ଟଙ୍କର୍ କଥାନୀ ଆଗ୍‌କେ ବଢୁଛେ ଯେ ।

Language : Sambalpuri
ISBN : 978-94-93178-70-0